ଉତ୍ତର ଓଡ଼ିଶାର ଲୋକକଥା

Digitized by srujanika@gmail.com

ଉତ୍ତର ଓଡ଼ିଶାର ଲୋକକଥା

(୩ୟ ଭାଗ)

ଶ୍ରୀ ଆଦ୍ୟକନ୍ଦ ମହାନ୍ତ

ସୁଧାଂଶୁ ପ୍ରକାଶନ
ଝାଞ୍ଜିରି ମଙ୍ଗଳା
କଟକ-୭୫୩୦୦୯

Digitized by srujanika@gmail.com

ଉତ୍ତର ଓଡ଼ିଶାର ଲୋକକଥା

(ଷଷ୍ଠ ଭାଗ)

ଲେଖକ :
ଶ୍ରୀ ଆଦିକନ୍ଦ ମହାନ୍ତ

ପରିବେଷକ :
ଗୁରୁଜୀ ବୁକ୍ ଷ୍ଟଲ୍
କଟକ-୯

ପ୍ରଥମ ପ୍ରକାଶ :
ବିଷୁବ ସଂକ୍ରାନ୍ତି, ୧୯୮୫

ମୁଦ୍ରଣ :
ଶ୍ରୀ ଅରବିନ୍ଦ ଆର୍ଟ ପ୍ରେସ
ଅଲିଶା ବଜାର, କଟକ-୨

ମୂଲ୍ୟ : ଟ ୩-୦୦

Digitized by srujanika@gmail.com

ଲେଖକଙ୍କ ପରିଚୟ

ମୟୂରଭଞ୍ଜ ଜିଲ୍ଲା ଚଟଡା ଗ୍ରାମରେ ଶିଶୁସାହିତ୍ୟିକ ଶ୍ରୀଯୁକ୍ତ ଆନନ୍ଦ ମହାନ୍ତଙ୍କ ଜନ୍ମ । ଛାତ୍ର ଜୀବନରୁ ସେ ଶିଶୁସାହିତ୍ୟ ରଚନାରେ ବ୍ରତୀ ହୋଇଛନ୍ତି ଏବଂ ବିଭିନ୍ନ ଶିଶୁ ପତ୍ରିକାରେ ତାଙ୍କର ଅନେକ ଗୁଡ଼ିଏ ଲେଖା ପ୍ରକାଶ ପାଇ ସାରିଛି । ନିଜ ଅଞ୍ଚଳରେ ପ୍ରଚଳିତ ଲୋକ-କଥାକୁ ନେଇ 'ଉତ୍ତର ଓଡ଼ିଶାର ଲୋକକଥା' ନାମରେ ଦୁଇଖଣ୍ଡି ଶିଶୁ ପୁସ୍ତକ ଏହି ପୂର୍ବରୁ ପ୍ରକାଶ ପାଇସାରିଛି । ଏହା ସେହି ସିରିଜର ତୃତୀୟ ପୁସ୍ତକ ।

ଶ୍ରୀଯୁକ୍ତ ମହାନ୍ତ ଏବେ ରୁଙ୍ଗୁଆ ୟୁ.ଜି.ଏମ୍.ଇ. ସ୍କୁଲର ପ୍ରଧାନ ଶିକ୍ଷକ ଅଛନ୍ତି ।

ପ୍ରକାଶକ

Digitized by srujanika@gmail.com

ଏଥିରେ ଅଛି

ବିଷୟ	ପୃଷ୍ଠା
୧ । ଧରମ ପୂଜା କଥା	୧
୨ । ଦୁଇ ସାଙ୍ଗ	୩
୩ । ଅତି ଲୋଭର ପରିଣାମ	୭
୪ । ସାନ୍ତୁ କୁମାର	୮
୫ । କୃପଣ ବୁଢ଼ା ଓ ଦୁଇ ସାଙ୍ଗ	୧୩
୬ । ଝିଙ୍ଗୁଡ଼ିର ବଇଁଶୀ	୧୮
୭ । ଠକ ନରସିଂ	୨୨
୮ । ହୁଣ୍ଡା ଅସୁର ଓ ଗାଈଆଳ	୨୮
୯ । ସାତଭଉଣୀ ତାରା	୩୧
୧୦ । ବିଲୁଆମାନେ ଏକାସାଙ୍ଗେ ବୋବାନ୍ତି କାହିଁକି ?	୩୪
୧୧ । ସାତ ଭଉଣୀ	୩୫
୧୨ । ଗୋଟିଏ ପାଏଁ ଗୋଟିଏ ଖାଏଁ	୪୨

Digitized by srujanika@gmail.com

ଧରମ ପୂଜା କାର୍ଯ୍ୟ

ଗୋଟିଏ ଗାଁରେ ଗଉଡ଼ଟିଏ ଥାଏ । ତା' ନାଁ ପିଠାଶ ଗୋପାଳ । ଭାରି ଗରିବ । ଲୋକଙ୍କ ଗୋରୁଗାଈ ଚରାଏ । ନିଜେ ବି ଗାଈଟିଏ ରଖିଥାଏ । ତାର ସେବା କରେ । କ୍ଷୀର ବିକେ । କୌଣସି ପ୍ରକାରେ ଚଳିଯାଏ । ତାର ପିଲାପିଲି ନ ଥାନ୍ତି । ସ୍ବାମୀ ସ୍ତ୍ରୀ ଦୁହେଁ କେତେ ଯେ ଦେବତାଙ୍କୁ ପୂଜା କଲେ । ହେଲେ ତାଙ୍କ କୋଳ ପୂରଣ ହେଲା ନି । ଗାଁ ଲୋକେ ତାଙ୍କୁ ଦେଖିଲେ ଛିଃଛେଇ କେତେକଥା କହିଲେ । ତାଙ୍କ ମୁହଁ ଚାହିଁଲେ ଅମଙ୍ଗଳ ହେବ ବୋଲି ବି କହିଲେ । ସ୍ବାମୀସ୍ତ୍ରୀ ଦୁହେଁ ଏ କଥା ଶୁଣି ଗାଁ ଛାଡ଼ି ପଳାଇଗଲେ । ଆଉ ଗୋଟିଏ ଦେଶରେ ଯାଇ ରହିଲେ ହେଲେ ସେଠି ବି ସେଇ କଥା । ଲୋକେ ତାଙ୍କୁ କେତେ ଅପବାଦ ଦେଲେ ।

ଏମିତି କେତେଦିନ ବିତିଗଲା । ଦିନେ ଜଣେ ସନ୍ନ୍ୟାସୀ ତାଙ୍କ ଘରକୁ ଆସିଲେ । ତାଙ୍କୁ କହିଲେ— "ତୁମ ଦୁଃଖ କଥା ମୁଁ ଜାଣେ । ତେବେ ତୁମେ ମୋ କଥା ମାନ । ଧରମ ଠାକୁରଙ୍କୁ ପୁଅ ପାଇଁ ମାନସିକ କର । ପୁଅ ହେଲେ ଠାକୁରଙ୍କୁ ପୂଜା କରିବ । ତାପରେ ସେ ଠାକୁରଙ୍କ ପୂଜା କଥା ସବୁ ବତାଇ ଦେଲେ । ସତକୁ ସତ କେତେଦିନ ପରେ ପିଠାଶ ସ୍ତ୍ରୀର ଦୁଇଟି ପିଲା ହେଲେ । ବାପ ମା' ପୁଅ ଦୋଟିଙ୍କ ନାଁ ଦେଲେ ସାଉଁରୁ ଓ ଧାଉଁରୁ । ରୂପେଗୁଣେ ଏକୁ ଆରେକ ବଳିଆର । ବିଦ୍ୟା ବୁଦ୍ଧି ସବୁଥିରେ ସେମାନେ ପାରଙ୍ଗମ । ଶାସ୍ତ୍ର ଜ୍ଞାନ, ଯୁଦ୍ଧବିଦ୍ୟା, ବଜାଣାତ ସବୁ କଣ୍ଟି ଶିଖିଗଲେ ।

Digitized by srujanika@gmail.com

ସେ ରାଜ୍ୟ ରାଜାଙ୍କ ନାଁ ଗଙ୍ଗାମାଣ୍ଡ । ତାଙ୍କର ପିଲାପିଲି ନ ଥିଲେ । ରାଜା ରାଣୀ ବି ସେମିତି ଅନେକ ବାଁ ଦେବତାଙ୍କୁ ପୂଜା କଲେ । ହେଲେ ଫଳ କିଛି ହେଲା ନ । ଦିନେ ତାଙ୍କ ରାଜ୍ୟକୁ ଜଣେ ସନ୍ନ୍ୟାସୀ ଆସିଲେ । ରାଜା ରାଣୀ ତାଙ୍କୁ ନିଜ ଦୁଃଖ ଜଣାଇଲେ । ସେ ରାଜାରାଣୀଙ୍କୁ କରମ ଠାକୁରଙ୍କ ପୂଜା କରିବାକୁ କହିଲେ । କିଛିଦିନ ପରେ ରାଣୀଙ୍କର ଝିଅଟିଏ ହେଲା । ରାଜାରାଣୀ ତା' ନାଁ ଦେଲେ ବୃନ୍ଦଧର୍ମା । ରୂପଟି ତା'ର ଠିକ୍ ପୂନେଇ ଚାନ୍ଦ ପରି । ଦେଖିଲେ ଆଖି ଲାଖି ରହିଯିବ । ଚନ୍ଦ୍ରକଳା ପରି ସେ ବଢ଼ିବାକୁ ଲାଗିଲା । ତାର ବାହା ବୟସ ହେଲା । ବୀର ସ୍ୱାମୀଟିଏ ପାଇବାକୁ ସେ ଧରମ ଠାକୁରଙ୍କୁ ପ୍ରାର୍ଥନା କଲା । ତେଣୁ ରାଜା ବାରିକ ଗାଙ୍ଗୁରାମ ହାତରେ ସବୁ ରାଜ୍ୟକୁ ପତ୍ର ପଠାଇଲେ । ସେଥିରେ ଲେଖାଥିଲା—"ଯିଏ ତାଙ୍କ ପାଟହାତୀକୁ ଯୁଦ୍ଧରେ ହରାଇଦେବ, ତା'ର ସାଙ୍ଗରେ ଝିଅକୁ ବାହା କରାଇବେ ।

ଅନେକ ରାଜା ପୁଅ, ସାମନ୍ତ ପୁଅ ଆସିଲେ । ହେଲେ କେହି ପାଟହାତୀକୁ ହରାଇ ପାରିଲେ ନାହିଁ । ସାଉଁରୁ ଓ ଧାଙ୍ଗରୁ ବି ଯୁଦ୍ଧ ଦେଖିବାକୁ ଆସିଥାନ୍ତି । ଜଣେ ରାଜକୁମାର ସାଙ୍ଗରେ ହାତୀର ଯୁଦ୍ଧ ହେଉଥାଏ । ରାଜକୁମାର ହାତୀ ଆଖିକୁ ବାଣ ମାରିଲେ । ହାତୀ ପାଗଳ ପରି ହୋଇଗଲା । ଦେଖଣାହାରୀଙ୍କ ଆଡ଼କୁ ମାଡ଼ି ଆସିଲା । ସମସ୍ତେ ଡରି ମରି ଦୌଡ଼ି ପଳାଇବାକୁ ଲାଗିଲେ । ସାଉଁରୁ ଦେଖଣାହାରୀଙ୍କ ଭିତରେ ଥାଏ । ସେ ଦୌଡ଼ି ଆସି ହାତୀ ସାଙ୍ଗରେ ଲଢ଼ିବାରେ ଲାଗିଲା । ତାକୁ ଆୟତ୍ତ କଲା । ସମସ୍ତେ ଧନ୍ୟ ଧନ୍ୟ କହିଲେ । ବୃନ୍ଦଧର୍ମା ସାଉଁରୁକୁ ବାହା ହେଲା ।

ରାଜା ମାନଙ୍କ ମୃତ୍ୟୁ ପରେ ସାଉଁରୁ ରାଜା ହେଲା । ସୁଖରେ ପ୍ରଜା ପାଳିଲା ।

—୦—

Digitized by srujanika@gmail.com

ଦୁଇ ସାଙ୍ଗ

ଗୋଟିଏ ରାଜ୍ୟର ରାଜା ପୁଅ ଓ ମନ୍ତ୍ରୀପୁଅ ଭାରି ସାଙ୍ଗ । ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଉଥିଲେ । ଏକାଠି ଖାଆନ୍ତି । ଏକାଠି ଶୁଅନ୍ତି । କେହି କାହାରିକୁ ଛାଡ଼ି ରହି ପାରନ୍ତି ନ । କ୍ଷୀର ନୀର ସମ୍ପର୍କ । ପାଠଶାଠ ଯୁଦ୍ଧ ବିଦ୍ୟା ସବୁଥିରେ ଏକୁ ଆରେକ ବଳିଆର ।

ବାପ ମା' ଦୁହିଁଙ୍କୁ ସାନବେଳେ ବାହା କରେଇ ଦେଇଥାନ୍ତି । ପାଠ ପଢ଼ି ସାରିବା ପରେ ଦୁହେଁ ଶ୍ୱଶୁର ଘରକୁ ଯିବାକୁ ବାହାରିଲେ । ପ୍ରଥମେ ରାଜା ପୁଅର ଶ୍ୱଶୁର ଘରକୁ ଯିବା ପାଇଁ ଠିକ୍ କରି ଆଗରୁ ଖବର ପଠାଇ ଦେଲେ । ତେଣୁ ଦୁହିଁଙ୍କୁ ପାଛୋଟି ନେବାକୁ ଲୋକ ଆସିଲେ, ଆଦର ସମ୍ମାନ କଲେ । ଜ୍ୱାଇଁଙ୍କୁ ପାଇ ଶ୍ୱଶୁର ଘରେ ବହୁତ ଖୁସି ହେଲେ । ସମସ୍ତେ ତାଙ୍କ ସାଙ୍ଗରେ ଖୁସି ଗପରେ ମାତିଲେ । ହେଲେ ରାଜା ପୁଅର ସ୍ତ୍ରୀ ମନରେ ସୁଖ ନ ଥାଏ । କାହିଁକି ନା ସେ କଟୁଆଳ ପୁଅକୁ ବାହା ହେବାକୁ ଠିକ୍ କରିଥାଏ । କିନ୍ତୁ ରାଜା ପୁଅ ଆସି ପହଞ୍ଚିବାରୁ ତା'ମନ ଭଙ୍ଗା ହୋଇଗଲା । ସେ କଟୁଆଳ ପୁଅକୁ ଡାକି ପଠାଇଲା । କଟୁଆଳ ପୁଅ କହିଲା—"ରାତିରେ ରାଜା ପୁଅ ଶୋଇଥିବାବେଳେ ତୁମେ ତାକୁ ଖଣ୍ଡାରେ ହାଣି ଦେବ । ତା'ପରେ ବାହୁନି କାନ୍ଦି କହିବ ମନ୍ତ୍ରୀ ପୁଅ ତାକୁ ହାଣି ଦେଇଛି । ଆଉ ତୁମକୁ ତା' ସାଙ୍ଗରେ ପଳାଇ ଯିବାକୁ କହୁଛି । ସମସ୍ତେ ତୁମ କଥା ବିଶ୍ୱାସ କରିବେ । ମନ୍ତ୍ରୀପୁଅକୁ ଫାଶୀ ଦିଆଯିବ । ଦୁହେଁ ମଲେ ଆମ ବାଟରୁ କଣ୍ଟା ଯିବ । ତା'ପରେ ଦୁହେଁ ବାହା ହୋଇ ସୁଖରେ ରହିବା ।"

Digitized by srujanika@gmail.com

ଏ ଦୁହିଁଙ୍କ କଥାବାର୍ତ୍ତା ଚୋରଟିଏ ଶୁଣୁଥାଏ । ଶେଷରେ କ'ଣ ଘଟିବ ବୋଲି ସେ ଚାହିଁଥାଏ । ସତକୁ ସତ ରାଜାପୁଅକୁ ତା' ସ୍ତ୍ରୀ ହାଣି ଦେଲା । ମନ୍ତ୍ରୀପୁଅ ନାଁରେ ସବୁ ମିଛରେ ଅଭିଯୋଗ କଲା । ତା' କଥାକୁ ସମସ୍ତେ ସତ ମଣିଲେ ।

ମନ୍ତ୍ରୀପୁଅ ରାଜଦରବାରରେ ହାଜର ହେଲା । ତାର ବିଚାର ହେବ । ଶହ ଶହ ଲୋକ ବିଚାର ଶୁଣିବାକୁ ରୁଣ୍ଡ ହୋଇଥାଆନ୍ତି । ଚୋର ଆଉ ତା' ସ୍ତ୍ରୀ ବି ଲୋକ ଗହଳି ଭିତରେ ଥାଆନ୍ତି । ହଠାତ୍ କ'ଣ ହେଲା କେଜାଣି ଚୋରଟି ତା' ସ୍ତ୍ରୀକୁ ପିଟିବାକୁ ଲାଗିଲା । ଲୋକେ ଦୁହିଁଙ୍କୁ ନେଇ ରାଜାଙ୍କ ପାଖରେ ହାଜର କରାଇଦେଲେ । ରାଜା ତା' ସ୍ତ୍ରୀକୁ ପିଟିବାର କାରଣ ପଚାରିଲେ । ଚୋର କହିଲା— "ମହିମା, ସ୍ତ୍ରୀ ଜାତି ଭାରି ଅବିଶ୍ୱାସୀ । ଦେଖୁ ନାହାନ୍ତି ନିଜ ସ୍ୱାମୀକୁ ମାରି ଆପଣଙ୍କ ଝିଅ ଉପରେ ମନ୍ତ୍ରୀପୁଅ ମୁଣ୍ଡରେ ଅଠା ବୋଳି ଦେଉଛନ୍ତି ।" ତା'ପରେ ଗତ ରାତିର କଥାସବୁ ଠିକେ ଠିକେ କହିଗଲା । ରାଜା ତା' କଥା ସତ କି ମିଛ ଜାଣିବା ପାଇଁ ବହୂଆରୀ ଆଉ ରାଜକୁମାରୀଙ୍କୁ ଡାକି ପଠାଇଲେ । ଭୟ ଦେଖାଇ ସବୁ କଥା ପଚାରିଲେ । ଦଣ୍ଡ ଭୟରେ ଦୁହେଁ ସତକଥା ମାନିଗଲେ । ତାଙ୍କୁ ଦଣ୍ଡ ଦିଆଗଲା । ଚୋର ଓ ତା' ସ୍ତ୍ରୀକୁ ରାଜା ପୁରସ୍କାର ଦେଲେ । ମନ୍ତ୍ରୀପୁଅକୁ ମୁକୁଳାଇ ଦେଲେ ।

ନିଜ ସାଙ୍ଗର ମୃତ୍ୟୁପାଇଁ ମନ୍ତ୍ରୀ ପୁଅ ଭାଙ୍ଗି ପଡ଼ିଥାଏ । ରାଜା ପୁଅର ଶବକୁ ପୋଡ଼ାଯିବା ପରେ ମନ୍ତ୍ରୀ ପୁଅ ହାଡ଼ସବୁ ଏକାଠି କଲା । ନିଜ ଝୁଲାରେ ଯତ୍ନରେ ରଖିଲା । ସ୍ତ୍ରୀ-ଜାତି ପ୍ରତି ତା' ମନରେ ଘୃଣା ଆସି ଯାଇଥାଏ । ତଥାପି ନିଜ ସ୍ତ୍ରୀ କଥା ଜାଣିବା ପାଇଁ ସେ ଶ୍ୱଶୁର ଘରଆଡ଼କୁ ମୁହାଁଇଲା । ଜଣେ ଗରିବ ଯୁବକ ବେଶରେ ସେଠି ପହଞ୍ଚିଲା । ତାକୁ କେହି ଚିହ୍ନି ପାରିଲେନି । ଶ୍ୱଶୁର ଘରେ ସେ ଚାକର ହିସାବରେ ରହିଲା । ସମସ୍ତଙ୍କ ବୋଲହାକ କଲା ।

Digitized by srujanika@gmail.com

କିଛି ଦିନ ବିତିଗଲା । ସେ ଦେଖେ ତା' ସ୍ତ୍ରୀ ସବୁଦିନ ଗାଧୋଇପାଧୋଇ ଠାକୁର ପୂଜା କରେ । ସେ ତା' ସ୍ତ୍ରୀର ପୂଜା ପାଇଁ ଫୁଲ ସଂଗ୍ରହ କରିଦିଏ । ସେଥିରେ ତା' ସ୍ତ୍ରୀ ମାଳ ଗୁନ୍ଥେ । ପୂଜାସାରି ମାଳଟିଏ ମନ୍ତ୍ରୀ ପୁଅର ପ୍ରତିମୂର୍ତ୍ତିରେ ଲମ୍ବାଇଦିଏ । ଭିତର ଘରରେ ରହି ମନ୍ତ୍ରୀପୁଅ ନିଜ ସ୍ତ୍ରୀର ସ୍ୱାମୀଭକ୍ତି ଦେଖେ । ହେଲେ କିଛି କହେ ନାହିଁ ।

ଦିନେ ଗୋଟିଏ ଅଦ୍ଭୁତ ଘଟଣା ଘଟିଲା । ମନ୍ତ୍ରୀପୁଅର ସ୍ତ୍ରୀ ଫୁଲହାର ଗୁନ୍ଥୁଥିବାବେଳେ ବେଙ୍ଗଟିଏ ଡାଳ ଉପରରୁ ଡେଇଁ ପଡ଼ିଲା । ମନ୍ତ୍ରୀପୁଅ ପାଖରେ ବସିଥାଏ । ସେ ବେଙ୍ଗ ଉପରେ ପାହାରଟିଏ ପକାଇଦେଲା । ବେଙ୍ଗଟି ମରିଗଲା । ଫୁଲସବୁ ମାଟି-ହୋଇଗଲା । ସେ ଫୁଲରେ ତ ଦେବତାଙ୍କୁ ପୂଜା କରାଯାଇ ପାରିବନି । ତେଣୁ ପୁଅର ସ୍ତ୍ରୀ ଅସୁବିଧାରେ ପଡ଼ିଲା । ଭାବିଲା ବିଚରାର ବା ଦୋଷ କ'ଣ ? ସେ ଠାକୁରଙ୍କୁ ଧ୍ୟାନକରି କହିଲା— "ପ୍ରଭୁ, ମୁଁ ଯଦି ପ୍ରକୃତରେ ସତୀ ସ୍ତ୍ରୀ ହୋଇଥିବି, ସ୍ୱାମୀଙ୍କ ପ୍ରତି ମୋର ଭକ୍ତି ଥିବ, ତେବେ ଏ ବେଙ୍ଗ ଜୀବନ ପାଉ ।" ଏତିକି କହି ସେ ମନ୍ତ୍ରପାଣି ଛିଞ୍ଚିଦେଲା । ସତକୁସତ ମରା ବେଙ୍ଗଟି ଜୀବନ ପାଇଲା ।

ନିଜ ସ୍ତ୍ରୀର ଅଦ୍ଭୁତ ଶକ୍ତି ଓ ପତିଭକ୍ତି ଦେଖି ମନ୍ତ୍ରୀପୁଅ ଖୁସି ହୋଇଗଲା । ନିଜର ପ୍ରକୃତ ପରିଚୟ ଦେଲା । ଘଟିଯାଇଥିବା ଘଟଣାସବୁ କହିଲା । ରାଜପୁଅକୁ ବଞ୍ଚାଇ ଦେବାକୁ ତା ସ୍ତ୍ରୀକୁ ଅନୁରୋଧ କଲା । ସ୍ୱାମୀଙ୍କ କଥାରଖି ତା' ସ୍ତ୍ରୀ ରାଜାପୁଅର ହାଡ଼ ଉପରେ ମନ୍ତ୍ରପାଣି ଛିଞ୍ଚିଲା । ରାଜାପୁଅ ବଞ୍ଚି ଉଠିଲା । ସମସ୍ତେ ଖୁସି ହେଲେ । ତା'ପରେ ସମସ୍ତେ ନିଜ ରାଜ୍ୟକୁ ଫେରିଲେ ।

ଏଥର ରାଜକୁମାର ଆଉ ଜଣେ ରାଜକୁମାରୀଙ୍କୁ ବିଭା ହେଲେ । ବୁଢ଼ା ରାଜାଙ୍କ ମୃତ୍ୟୁ ପରେ ସେ ରାଜା ହେଲେ ଆଉ ମନ୍ତ୍ରୀପୁଅକୁ ତାଙ୍କ ପ୍ରଧାନମନ୍ତ୍ରୀ କଲେ । ସମସ୍ତେ ସୁଖରେ ରହିଲେ ।

Digitized by srujanika@gmail.com

ଅତି ଲୋଭର ପରିଣାମ

ଜଙ୍ଗଲରେ ବୁଢ଼ା ମାଙ୍କଡ଼ଟିଏ ଥାଏ । ଫଳମୂଳ ଯାହା ମିଳେ ଖାଏ । ଡାଳରୁ ଡାଳ ଡେଇଁ ବୁଲେ । ଖୁସିରେ ଥାଏ । ଦିନେ ବଣରେ ବୁଲୁ ବୁଲୁ ତାକୁ ଖୁବ ଶୋଷ ହେଲା । ଆଗରେ ଦେଖିଲା ପୋଖରୀଟିଏ । ଖୁସିରେ ପୋଖରୀ ହୁଡ଼ାରେ ପହଞ୍ଚିଲା । ହେଲେ ସେଠି ପହଞ୍ଚି ଟିକେ ଅଟକି ଗଲା । ଦେଖିଲା ପୋଖରୀ ଭିତରକୁ ଜୀବମାନଙ୍କ ଯିବାର ପାଦ ଚିହ୍ନ ଅଛି । ହେଲେ ଫେରିବାର ଚିହ୍ନ ନାହିଁ । ତା' ମନରେ ସନ୍ଦେହ ହେଲା । ପାଣିରେ କିଛି ବିପଦ ଥିବାର ଅନୁମାନ କଲା । ତେଣୁ ପାଣି ପାଖକୁ ଗଲା ନାହିଁ । ନଳୀଟିଏ ଯୋଗାଡ଼ କଲା । ପାଣିଠାରୁ ଦୂରରେ ରହି ନଳ ସାହାଯ୍ୟରେ ପାଣି ପିଇଲା ।

ପୋଖରୀ ଭିତରେ ଜଳ ରାକ୍ଷସଟିଏ ଥାଏ । ପ୍ରାଣୀମାନେ ପାଣି ପାଖକୁ ଗଲେ ତାଙ୍କୁ ଧରି ଖାଏ । ମାଙ୍କଡ଼ର ଏ ପାଣି ପିଇବା ରୀତି ଦେଖି ସେ ପାଣିରୁ ମୁଣ୍ଡ ବାହାର କଲା । ମାଙ୍କଡ଼ ତାକୁ ଦେଖିଲା । ସବୁ କଥା ବୁଝିଗଲା । ବଣର ଜନ୍ତୁମାନେ ଜଳରାକ୍ଷସ କବଳରେ କିପରି ପଡ଼ୁଛନ୍ତି ସବୁ ଜାଣି ପାରିଲା । ସେମାନଙ୍କ ପ୍ରତି ତାର ଦୟା ହେଲା । ତାଙ୍କୁ ଏ ବିପଦରୁ ମୁକୁଳାଇବା ପାଇଁ ମନେ ମନେ ଚିନ୍ତା କଲା । ପୋଖରୀ ମଝିରେ ଗୋଟିଏ ଗଛରେ ସେ ବସି ରହିଲା । ବଣର ଜୀବଜନ୍ତୁ ପାଣି ପିଇବାକୁ ଆସିଲେ ସେ ରାକ୍ଷସ କଥା ଜଣାଇ ଦିଏ । ତେଣୁ କେହି ଆଉ ପାଣି ପାଖକୁ ଗଲେ ନାହିଁ । ଦୂରରୁ ନଳୀ ସାହାଯ୍ୟରେ ପାଣି ପିଇଲେ । ଏଥିପାଇଁ ଜଳ ରାକ୍ଷସକୁ

Digitized by srujanika@gmail.com

ଖାଇବାକୁ କିଛି ମିଳିଲାନି । ସେ ଭୋକରେ ଛଟପଟ ହେଲା । ପାଣିରୁ ବାହାର ଆସିଲା । ମାଙ୍କଡ଼କୁ ଡାକିଲା । ନିଜ ଦୁଃଖ ଜଣାଇଲା । ତା' ସହ ବନ୍ଧୁତା କଲା । ତାକୁ ନାନା ପ୍ରକାର ଜିନିଷ ଉପହାର ଦେଲା । ଜଳରାକ୍ଷସର ଦୁଃଖ ଶୁଣି ମାଙ୍କଡ଼ର ଦୟା ହେଲା । ସେ ଆଗ ପରି ପ୍ରାଣୀମାନଙ୍କୁ ସତର୍କ କରାଇ ଦେଲା ନାହିଁ । ଦୁହେଁ ବନ୍ଧୁ ହୋଇ ରହିଲେ ।

ଦିନେ ଶିକାରୀଟିଏ ଶିକାର କରି ପୋଖରୀ କୂଳକୁ ଆସିଲା । ଦେଖିଲା ପାଖ ଗଛଟିରେ ମାଙ୍କଡ଼ଟିଏ । ମାଙ୍କଡ଼ ଦେହରେ ନାନା ପ୍ରକାର ଅଳଙ୍କାର । ଏସବୁ ଦେଖି ତାର ଲୋଭ ହେଲା । ମାଙ୍କଡ଼କୁ ମାରି ଅଳଙ୍କାର ସବୁ ନେବାକୁ ଠିକ୍ କଲା । ମାଙ୍କଡ଼କୁ ଲକ୍ଷ୍ୟ କରି ଶର ଯୋଖିଲା । ମାଙ୍କଡ଼ ତାକୁ ବାରଣ କଲା । ତା' ଜୀବନ ରହିଲେ ସବୁ ଅଳଙ୍କାର ଦେଇ ଦେବ ବୋଲି କହିଲା । ଶିକାରୀ ତାକୁ ମାନିଲା । ନାହିଁ । ମାଙ୍କଡ଼ ଅଳଙ୍କାର ସବୁ ତାକୁ ଦେଲା ।

ଅଳଙ୍କାର ସବୁ ପାଇବାରୁ ଶିକାରୀର ଲୋଭ ବଢ଼ିଗଲା । ସେ ଭାବିଲା ମାଙ୍କଡ଼ ପାଖରେ ନିଶ୍ଚୟ ଆହୁରି ଅଳଙ୍କାର ଥିବ । ସେ ଭୟ ଦେଖାଇଲେ ସେ ନିଶ୍ଚୟ ଦେଇଦେବ । ଏଇଆ ଭାବି ସେ ପୁଣି ଥରେ ଶର ଯୋଖିଲା । ବୁଢ଼ା ମାଙ୍କଡ଼ ଶିକାରୀର ମନ କଥା ବୁଝି ପାରିଲା । ମନେ ମନେ ଠିକ୍ କଲା ଶିକାରୀକୁ ଉଚିତ ଶିକ୍ଷାଟିଏ ଦେବ । ତେଣୁ ସେ କହିଲା—"ମୋ ପାଖରେ ଆଉ ଅଳଙ୍କାର ନାହିଁ । ହେଲେ ଏଇ ପୋଖରୀ ମଝିରେ ଦୁଇ ହଣ୍ଡା ସୁନା ରୁପାର ଗହଣା ଅଛି । ପୋଖରୀ ଭିତରେ ପଶିଲେ ତୁମେ ପାଇବ ।"

ଶିକାରୀକୁ ତ ଅଳଙ୍କାର ନିଶା ଘାରିଛି । ସେ ଆଗପଛ ନ ଭାବି ପୋଖରୀ ଭିତରେ ପଶିଗଲା । ଜଳରାକ୍ଷସ ତାକୁ ଧରି ଜଳଖିଆ କଲା । ଅତି ଲୋଭ କରି ଶିକାରୀ ଶେଷରେ ମଲା ।

—o—

Digitized by srujanika@gmail.com

ସାରୁକୁମାର

ବିଧବା ବୁଢ଼ୀଟିଏ ଥାଏ । ତାର ସାତ ପୁଅ । ଗାଁରେ କାମଦାମ କରନ୍ତି । ଯାହା ମଜୁରି ପାଆନ୍ତି ଦୁଃଖେ କଷ୍ଟେ ଚଳନ୍ତି । ଦିନେ କାମ କରିବା ପାଇଁ ଗଲାବେଳେ ବୁଢ଼ୀ ତାଙ୍କୁ କହିଲା— "ଘରେ ଆଜି ଖାଇବାପିଇବା କିଛି ନାହିଁ । କାମ ସାରି ଫେରିବାବେଳେ କିଛି ଖାଇବା ଆଣିବ ।" ଫେରିବାବେଳେ ମା' କଥା ମନେ ପଡ଼ିଲା । ସେମାନେ ଦେଖିଲେ ଜମିଦାର ଘର ସାରୁ କିଆରୀରେ ସାରୁ ଖୋଳା ଚାଲିଛି । ଜମିଦାରଙ୍କୁ କହିଲେ— "ଆମେ ତମ ସାରୁ ଖୋଳି ଦେବୁ । ଆମକୁ ପୁଞ୍ଜାଏ ସାରୁ ଦେବ ।" ଜମିଦାର ହଁ ଭରିଲେ । ସେମାନେ ସାରୁ ଖୋଳି ଦେଲେ । ହେଲେ ଜମିଦାର କମା ଗୋଟିଏ ଖଣ୍ଡ ସାରୁ ଦେଲେ । ସେଇ ସାରୁ ଖଣ୍ଡିକ ଧରି ସେମାନେ ଫେରିଲେ । ମା'କୁ ଦେଇ ଗାଧୋଇବାକୁ ଗଲେ । ମା' ସାରୁ କାଟିବାକୁ ବସିଲା । ହେଲେ ଖଣ୍ଡ ସାରୁଟି ମଣିଷ ପରି କହିଲା—

"ଧୀରେ ଧୀରେ କାଟ ମା ଗୋ ଅଛି ମୁଁ ଭିତରେ । ପ୍ରାଣ ମୋର ଚାଲିଯିବ କାଟ ଯଦି ଜୋରେ ।" ବୁଢ଼ୀ ସାରୁଟି ଆସ୍ତେ ଆସ୍ତେ କାଟିଲା । ସାରୁ ଭିତରୁ ସୁନ୍ଦର ପୁଅଟିଏ ବାହାରିଲା । ତେଣୁ ବୁଢ଼ୀ ତା' ନାଁ ଦେଲା "ସାରୁ କୁମାର ।" ବୁଢ଼ୀର ସାତ ପୁଅଙ୍କ ସାଙ୍ଗରେ ସାରୁକୁମାର ବି ମିଳିମିଶି କାମ କଲା । ସମସ୍ତେ ଖୁସିରେ ଚଳିଲେ । ବୁଢ଼ୀ ସମସ୍ତଙ୍କୁ ବାହା କରାଇ ଦେଲା । ସେ ବା ଆଉ କେତେଦିନ ବଞ୍ଚିଥାଆନ୍ତା ? ଦିନେ ସେ ସବୁ ପୁଅଙ୍କୁ ଡାକି ମିଳିମିଶି ରହିବାକୁ ଉପଦେଶ ଦେଲା । ତା'ପରେ ଦିନେ ମରିଗଲା । ଭାଇମାନେ

Digitized by srujanika@gmail.com

ମିଛାଫିଛି ମା'ର ଶୁଶ୍ରୂଷା କଲେ । ତା' ପରେ ସମସ୍ତେ ବେପାର କରିବାକୁ ବିଦେଶ ଯିବେ ବୋଲି ଠିକ୍ କଲେ । ଶୁଭ ଦିନ ଦେଖି ଘରୁ ବାହାରିଲେ ।

ବେପାର ସାର ସେମାନେ ଆଉ ଗୋଟିଏ ଦେଶରେ ପହଞ୍ଚିଲେ । ସେ ଦେଶରେ ମରୁଡ଼ି ପଡ଼ିଥାଏ । ଲୋକେ ଶୋଷରେ ମରୁଥାନ୍ତି । ତାଙ୍କୁ ବା ପଚାରେ କିଏ ? ସେମାନେ ମନଦୁଃଖରେ ଫେରୁଥିବାବେଳେ ସମସ୍ତଙ୍କୁ ଭାରି ଶୋଷ ହେଲା । ଦେଖିଲେ ପାଖରେ ଗୋଟିଏ କୂଅ । କୂଅରୁ ପାଣି କାଢ଼ିବା ପାଇଁ କିଛି ନ ପାଇ ସେମାନେ ସାରୁ କୁମାରକୁ କୂଅ ଭିତରକୁ ଯିବାକୁ କହିଲେ । ସେ ପାଣି ଆଣି ସମସ୍ତଙ୍କୁ ପିଆଇଲା । ହେଲେ ତା' ନିଜକୁ ଅଣ୍ଟିଲା ନାହିଁ । ତେଣୁ ସେ ପୁଣି ଥରେ କୂଅ ଭିତରେ ପଶିଲା ।

ସେ କୂଅ ଭିତରେ କାଳ ନାଗୁଣୀଟିଏ ଥାଏ । ତା' ଦେହଟା ସାପ ପରି । ହେଲେ ମୁହଁଟା ମଣିଷ ପରି । ସେ ସାରୁ କୁମାରର ସୁନ୍ଦର ରୂପ ଦେଖି ତାକୁ ଧରି ରଖିଲା । ତାକୁ ବର ହେବାକୁ କହିଲା । ସାରୁ କୁମାରର ବା ଉପାୟ କ'ଣ ? ସେ କୂଅ ଭିତରୁ ଆଉ ଆସି ପାରିଲା ନାହିଁ । ଅନ୍ୟ ଭାଇମାନେ ଢ଼େର ବେଳଯାଏଁ ତାକୁ ଅପେକ୍ଷା କଲେ । ହେଲେ ସେ ନ ଫେରିବାରୁ ଭାବିଲେ କୂଅ ଭିତରେ ବୋଧେ ସେ ମରିଗଲା । ତେଣୁ ସେମାନେ ସେଠୁ ଘରକୁ ଫେରି ଆସିଲେ ।

ସାରୁ କୁମାରର ସ୍ତ୍ରୀ ସେମାନଙ୍କୁ ସବୁ କଥା ପଚାରିଲା । ତାଙ୍କୁ କୂଅ ଭିତରେ ଛାଡ଼ି ଆସିଥିବା କଥା ସମସ୍ତେ କହିଲେ । ଠିକଣା

Digitized by srujanika@gmail.com

ବଢାଇ ଦେଲେ । ସାରୁ କୁମାରକୁ ପାଇବା ପାଇଁ ତା' ସ୍ତ୍ରୀ ଗିଳିଲା । ସେଇ କୂଅ ପାଖରେ ପହଞ୍ଚିଲା ।

ଦିନରେ ନାଗୁଣୀଟି ବୁଲିବାକୁ ଯାଏ । ସାରୁ କୁମାର ମଧ୍ୟ ବାହାରକୁ ଆସେ । ହେଲେ ନାଗୁଣୀ ତା' ଗୋଡ଼ରେ ଏମିତି ବେଡ଼ି ପିନ୍ଧାଇ ଦେଇଥାଏ ଯେ ସେ ବେଶୀ ଦୂର ଯାଇପାରେ ନାହିଁ । ସେଦିନ ସାରୁକୁମାର ବାହାରକୁ ଆସି ତା' ସ୍ତ୍ରୀକୁ ଦେଖିଲା । ଦୁହେଁ ଦୁହିଁଙ୍କୁ ଦେଖି ଖୁବ୍ କାନ୍ଦିଲେ । ଦୁଃଖସୁଖ ହେଲେ । ନାଗୁଣୀ ଆସିବା ବେଳ ହେବାରୁ ସାରୁ କୁମାର କହିଲା—"ତୁମେ ମୋର ସ୍ତ୍ରୀ ବୋଲି କହିବ ନାହିଁ । ସେ କଥା କହିଲେ ନାଗୁଣୀ ତୁମକୁ ମାରିଦେବ । ମୋର ଭଉଣୀ ବୋଲି ପରିଚୟ ଦେବ ।"

ଏତିକିବେଳେ ନାଗୁଣୀ ଆସି ପହଞ୍ଚିଗଲା । ଜଣେ ସ୍ତ୍ରୀ ଲୋକ ସାଙ୍ଗରେ ସାରୁ କୁମାର କଥାବାର୍ତ୍ତା ହେଉଥିବା ଦେଖି ତା' ପରିଚୟ ପଚାରିଲା । ସେମାନେ ଭାଇଭଉଣୀ ବୋଲି କହିଲେ । ନାଗୁଣୀ କହିଲା—"ସେ ଯଦି ପ୍ରକୃତରେ ତୁମ ଭଉଣୀ ହୋଇଥିବ, ତେବେ ତାକୁ ମୁଁ କେତୋଟି ପରୀକ୍ଷା କରିବି । ସେ ପରୀକ୍ଷାରୁ ବର୍ତ୍ତିଗଲେ ସେ ଆମ ସାଙ୍ଗରେ ରହିବ । ତା' ନ ହେଲେ ମୁଁ ତାକୁ ମାରି ପକାଇବି । ଦୁହେଁ ରାଜି ହେଲେ । ନାଗୁଣୀ କହିଲା—"ତୁମେ ଯାଅ ବିନା ଦୌଡ଼ିରେ ବଣରୁ ବୋଝେ କାଠ ନେଇ ଆସିବ । ସାରୁକୁମାର ସ୍ତ୍ରୀ ବଣକୁ ଗଲା । ଦୌଡ଼ି ନ ଥାଇ ସେ କାଠ ଗୋଛା ବା ବାନ୍ଧିବ କିପରି ? ତେଣୁ ସେ ବଣ ଭିତରେ ବସି କାନ୍ଦିବାକୁ ଲାଗିଲା । ତାର କାନ୍ଦଣା ଶୁଣି ବଣର ସାପ ସବୁ ଆସିଲେ । ତାର ଦୁଃଖ କଥା ପଚାରିଲେ । ସବୁ ଶୁଣି କହିଲେ—"ତୁମେ ଚିନ୍ତା କର ନାହିଁ । ଆମେ ତୁମ କାଠଗୋଛାରେ ଗୁଡ଼େଇ ହୋଇ ରହିବୁ । ତୁମେ କାଠ

Digitized by srujanika@gmail.com

ସବୁ ନେଇ ପହଞ୍ଚାଇ ଦେବୁ । ପରେ ଆମେ ପଳାଇ ଆସିବୁ ।”
ସାଧୁକୁମାର ସ୍ତ୍ରୀ କାଠ ନେଇ ପହଞ୍ଚିଲା । ତା ପରେ ନାଗୁଣୀ ଗୋଟିଏ କଣା ମାଠିଆ ଦେଇ ସେଥିରେ ପାଣି ଆଣିବାକୁ କହିଲା । ସାଧୁ କୁମାର ସ୍ତ୍ରୀ ନଈ ଘାଟରେ ବସି କାନ୍ଦିବାକୁ ଲାଗିଲା । ବେଙ୍ଗ ରାଜା ତା' କାନ୍ଦ ଶୁଣି ପାଖକୁ ଆସିଲା । ତାର ସବୁ ଦୁଃଖ ଶୁଣିଲା, କହିଲା—“ତୁମେ ଚିନ୍ତା କର ନାହିଁ । ମୁଁ ତୁମ କଣା କଳସୀଟିର କଣାଟି ବୁଜିଲା ପରି ଅବସ୍ଥାରେ ବସି ଯିବି । ତୁମେ ପାଣି ପହଞ୍ଚାଇବା ପରେ ମୁଁ ଚାଲି ଆସିବି ।”

ସାଧୁ କୁମାରର ସ୍ତ୍ରୀ ଏ ପରୀକ୍ଷାରୁ ମଧ୍ୟ ବର୍ତ୍ତିଗଲା । ଏଥର ନାଗୁଣୀ ତାର ଶେଷ ପରୀକ୍ଷା ପାଇଁ ତାକୁ ପ୍ରସ୍ତୁତ ହେବାକୁ କହିଲା । ପଡ଼ିଆରେ ଗୌଟିଏ ସୋରିଷ ବୁଣି ଦେଲା । ସବୁ ସୋରିଷ ଗୋଟାଇ ଆଣିବାକୁ ଆଦେଶ ଦେଲା । ସେଇଠି ମଧ୍ୟ ସାଧୁ କୁମାର ସ୍ତ୍ରୀ ବସି କାନ୍ଦିବାକୁ ଲାଗିଲା । ସେ କାନ୍ଦୁଥିବା ଦେଖି ପାରି ଦଳଟିଏ ସେ ବାଟେ ଦେଇ ଯାଉଥିଲେ । ତା' କାନ୍ଦ ଶୁଣି ଓହ୍ଲାଇ ଆସିଲେ । ତାକୁ ସବୁ କଥା ପଚାରିଲେ । ସେ ଠିକେ ଠିକେ ସବୁ କଥା କହିଗଲା । ପାରିମାନେ ତାକୁ ସାହାଯ୍ୟ କଲେ । ସବୁ ସୋରିଷ ଗୋଟାଇ ଦେଇ ସେ ନାଗୁଣୀ ପାଖରେ ପହଞ୍ଚାଇଲା ।

ନାଗୁଣୀ ଖୁସି ହୋଇ ତାକୁ ପାଖରେ ରଖିଲା । ସେ ଦିନବେଳେ ବୁଲିବାକୁ ଯାଏ । ସାଧୁ କୁମାର ଓ ତା ସ୍ତ୍ରୀ ରୋଷେଇ କରି ତା' ପାଇଁ ରଖନ୍ତି । ସେ ଫେରିଲେ ସାଙ୍ଗ ହୋଇ ଖାଆନ୍ତି । ହେଲେ ସେମାନେ ବନ୍ଦୀ ଅବସ୍ଥାରେ ଥାଆନ୍ତି । ନିଜ ମନ ଖୁସିରେ କିଛି କରି ପାରନ୍ତି ନାହିଁ । ଏମିତି କେତେଦିନ ଗଲା । ସେମାନେ ତା' ଭିତରେ ସେଠୁ ପଳାଇ ଯିବାକୁ ଯୋଜନା କରୁଥାନ୍ତି ।

Digitized by srujanika@gmail.com

ସବୁଦିନ ସେମାନେ କଣ୍ଟା ଝିଙ୍କା ସଗ୍ରହ କରନ୍ତି । ଦିନେ ନାଗୁଣୀ ବାହାରକୁ ଯାଇଥିବା ବେଳେ ସ୍ୱାମୀ ସ୍ତ୍ରୀ ଦୁହେଁ ଗୋଟିଏ ସିକାରେ କଣା କଳସୀରେ ପାଣି ପୁରାଇ ରଖି ଦେଲେ । ତଳେ ନିଆଁ ଜାଳି ପଲମଟିଏ ଚୁଲିରେ ବସାଇ ଦେଲେ । କବାଟ କିଳି ଦେଇ ନାଗୁଣୀର ମଣିମୁକ୍ତା ସବୁ ଧରି ପଳାଇଲେ । ସେମାନେ ଯେଉଁ ବାଟ ଦେଇ ଗଲେ, ସେହି ବାଟରେ ତାଙ୍କ ପଛ ପଟରେ କଣ୍ଟା ପକାଇ ଚାଲିଲେ ।

କାଳନାଗୁଣୀ ଫେରିଲା । କବାଟ ଭିତର ପଟୁ କିଳା ହୋଇଥିବାରୁ ସାଧୁ କୁମାର ଓ ତା' ଭଉଣୀ ଭିତରେ ଅଛନ୍ତି ବୋଲି ଭାବି ସେ ବାହାରେ ଅପେକ୍ଷା କଲା । ଉପରୁ କଣା କଳସୀରୁ ଟୋପାଏ ଲେଖାଏଁ ପାଣି ଗରମ ପଲମ ଉପରେ ପଡୁଥାଏ, ଶୁଁ ଶୁଁ ଶବ୍ଦ ହେଉଥାଏ । ସେ ଭାବିଲା ସାଧୁ କୁମାର ଓ ତା' ଭଉଣୀ ପିଠା କରୁଛନ୍ତି । ତେଣୁ ସେ ଗୁଡ଼ାଏ ବେଳ ଅପେକ୍ଷା କଲା । ହେଲେ କବାଟ ନ ଖୋଲିବାରୁ ସେ ଡାକ ମାରିଲା । ହେଲେ କବାଟ ଖୋଲିଲାନି । ଶେଷରେ ସେ କବାଟ ଭାଙ୍ଗି ଭିତରେ ପଶି ସବୁ ଜାଣି ପାରିଲା । ଦେଖିଲା ତା' ମଣିମୁକ୍ତା ଧନ ସମ୍ପଦ ନେଇ ଦୁହେଁ ପଳାଇ ଯାଇଛନ୍ତି । ସେମାନଙ୍କୁ ଧରିବା ପାଇଁ ସେ ଗୋଡ଼ାଇଲା । ହେଲେ ବାଟରେ କଣ୍ଟା ପଡ଼ିଥିବାରୁ ତା' ଦେହରେ କଣ୍ଟା ଗଳିଗଲା । ସେ ଲହୁଲୁହାଣ ହୋଇ ତାଙ୍କ ପାଖରେ ପହଞ୍ଚିଲା ବେଳକୁ ଦରମରା ହୋଇ ଯାଇଥାଏ । ସେମାନେ ନାଗୁଣୀର ଏ ଅବସ୍ଥା ଦେଖି ତାକୁ ପିଟି ପିଟି ମାରିଦେଲେ । ତା' ପରେ ଦୁହେଁ ସୁଖରେ ଘରଦ୍ୱାର କରି ରହିଲେ ।

—o—

Digitized by srujanika@gmail.com

କୃପଣ ବୁଢ଼ା ଓ ଦୁଇଭାଇ

ଗୋଟିଏ ଗାଁରେ ଦୁଇଟି ଭାଇ ଥିଲେ । ଜଣକ ନାଁ ମଧୁ ଆଉ ଜଣକ ନାଁ ବଧୁ । ଦୁହିଁଙ୍କ ଭିତରେ ଭାରି ମନମେଳ । ମଧୁ ଦେଖିବାକୁ ବେଶ୍ ଓଜନ ଡାଉଳ । ହେଲେ ମୋଟା ବୁଦ୍ଧି ଆଟାଏ । ବଧୁ ରୋଗାହେଲେ କ'ଣ ହେବ ଭାରି ବୁଦ୍ଧିଆ । ମଧୁ କହେ ବଳଥିଲେ ସବୁକାମ କରିହୁଏ । ହେଲେ ବଧୁ କହେ ବଳଠୁଁ ବୁଦ୍ଧି ବଡ଼ । ବୁଦ୍ଧିବଳରେ ସବୁକଥା କରିହୁଏ । ଏଇକଥାରୁ ଦିନେ ଦୁହେଁ ଠିକ୍‌କଲେ ନିଜ ନିଜ କଥାର ପରୀକ୍ଷା ପାଇଁ ଦୁହେଁ ଗାଁ ଛାଡ଼ି ବାହାରକୁ ଯିବେ ।

ଦୁହେଁ ଯାଇ ଗୋଟିଏ ସହରରେ ପହଞ୍ଚିଲେ । ବଧୁ ଜଣେ ଧନୀ ଲୋକର ପିଲାପିଲିଙ୍କୁ ପଢ଼ାଇବା କାମପାଇଗଲା । ମଧୁ ଭାବିଲା ମୁଁ ଯଦି ବଧୁପରି ଶିକ୍ଷକ ହୋଇଯିବି ତେବେ ନିଜବଳର କସରତ କେଉଁଠି ଦେଖାଇବି ? ତେଣୁ ସେ ଗୋଟିଏ କୃପଣ ବୁଢ଼ାଘରେ ଚାକର ହୋଇ ରହିଲା । ମଧୁକୁ ପାଇ ବୁଢ଼ା ଭାରି ଖୁସି । ସେ କହିଲା "ତୁମପରି ଚାକରଟିଏ ଖୋଜୁଥିଲି । ତୁମକୁ ମୁଁ ବର୍ଷକୁ ହଜାରେ ଟଙ୍କା ଦେବି । ତେବେମୋର ଗୋଟିଏ ସର୍ତ୍ତ ମାନିବାକୁ ହେବ । ବର୍ଷ ପୂରିବା ଆଗରୁ ମୋ ଘରୁ ଯାଇ ପାରିବ ନାହିଁ । ଗଲେ ତୁମର ସବୁଜିନିଷ ମୁଁ ରଖିବି । ଆଉ ଗୋଟିଏ କଥା; ତୁମକୁ ମୁଁ ଗୋଟିଏ ମାଣ ପତ୍ରରେ ଭାତ ତରକାରି ଖାଇବାକୁ ଦେବି ।"

ମଧୁ ଭାବିଲା ତା' ଦେହର ବଳ ଦେଖି ବୁଢ଼ା ହଜାରେ ଟଙ୍କା ଦେବାକୁ ରାଜି ହୋଇଛି । ତେଣୁ ସେ ଆଗପଛ କିଛି ନ ଭାବିକି

Digitized by srujanika@gmail.com

ବୁଢ଼ା କଥାରେ ରାଜି ହୋଇଗଲା । ଦିନଯାକ ବୁଢ଼ା ତାକୁ କାମରେ ଲଗାଇଲା । କିନ୍ତୁ ଖାଇବାକୁ ଦେଲାବେଳକୁ ତେନ୍ତୁଳି ପତ୍ରରେ ଭାତ ତରକାରି ପରଷିଲା । ମଧୁତ ବୁଢ଼ାର ସର୍ତ୍ତରେ ରାଜିହୋଇଛି । ତେଣୁ କିଛି କହିପାରିଲାନି । ଶେଷକରେ ଆଉଟ୍ ପାଉଟ୍ ହୋଇ ଦିନ ଦିଟାରେ ବୁଢ଼ାଘରୁ ଚାଲି ଆସିଲା । ସର୍ତ୍ତ ଅନୁସାରେ ବୁଢ଼ା ବି ତାର ସବୁଜିନିଷ ପତ୍ର ରଖି ଦେଲା । ତେଣୁ ସେ ମନଦୁଃଖରେ ବଧୂ ପାଖରେ ପହଞ୍ଚିଲା । ତାକୁ ସବୁକଥା କହିଲା । ବଧୂ କହିଲା ତା’-ହେଲେ ତୁ ଏଇଠି ରହି ଏ ପିଲାମାନଙ୍କୁ ପାଠ ପଢ଼ାଉଥା । ମୁଁ ସେ କୃପଣ ବୁଢ଼ା ପାଖକୁ ଯାଉଛି ।”

ବଧୂ କୃପଣ ବୁଢ଼ା ପାଖରେ ପହଞ୍ଚି ତାକୁ ଚାକର କରି ରଖିବାପାଇଁ ଅନୁରୋଧ କଲା । ବୁଢ଼ା ତାର ପୂର୍ବସର୍ତ୍ତ ବାଢ଼ିଲା । ବଧୂ କହିଲା “ମୁଁ ଆପଣଙ୍କ ସର୍ତ୍ତ ଅନୁସାରେ ଗୋଟିଏ ପତ୍ରରେ ଖାଇବି । ତେବେ ସେ ପତ୍ରଖଣ୍ଡିକ ମୁଁ ନିଜେ ଆଣିବି । ସେଥିରେ ଯେତିକି ଖାଦ୍ୟ ଧରିବ ମୋତେ ଦେବାକୁ ହେବ । ଆଉ ଆପଣ ଯଦି ମୋତେ ଘରୁ ତଡ଼ି ଦେବାକୁ ବାହାରନ୍ତି ମୁଁ ଦରମାର ଦଶଗୁଣ ଟଙ୍କା ନେବି ।” ବୁଢ଼ାମୁଣ୍ଡରେ ତ ଦୁଷ୍ଟବୁଦ୍ଧି ପଶିଛି । ସେ ବଧୂ କଥାରେ ରାଜି ହୋଇଗଲେ ।

ବଧୂକୁ ବୁଢ଼ା ଖୁବ୍ ଭିଡ଼କାମମାନ କରିବାକୁ ଦେଲା । ବଧୂ କିନ୍ତୁ ସୁରୁଖୁରୁରେ ସବୁକାମ କରିଦେଲା । ଖାଇବାବେଳ ହେବାରୁ ବୁଢ଼ା ବଧୂକୁ ପତ୍ରଟିଏ ଆଣିବାକୁ କହିଲା । ବଧୂ ହାତଗୋଡ଼ ଧୋଇ କଦଳୀ ପତ୍ରଟିଏ ନେଇ ବସିଗଲା । କଦଳୀ ପତ୍ର ଦେଖି ବୁଢ଼ାର ବୁଦ୍ଧି ହଜିଗଲା । ସେ ଆଉ କରେ କ’ଣ ? ବାଧହୋଇ ପତ୍ର ପୂର୍ଣ୍ଣକରି ଭାତତରକାରି ଦେଲା । ବଧୂ ପେଟପୂରା ଖାଇଲା । ବାକିଯାହା ବଳିଲା ସେତକ ବଗଡ଼ କୁକୁରଙ୍କୁ ବାଣ୍ଟିଦେଲା ।

Digitized by srujanika@gmail.com

ଆରଦିନ ବୁଢ଼ା ବଧୂକୁ ହଳବଳଦ ନେଇ ବିଲକୁ ଯିବାକୁ କହିଲା ତା' ସାଙ୍ଗରେ ଯାଇ ନିଜର ବିଲସବୁ ବି ବଧୂକୁ ଦେଖାଇ ଦେଲା । କହିଲା "ସବୁ ବିଲରେ ହଳ ବୁଲେଇସାରିଲେ ତୋତେ ଖାଇବାକୁ ଦେବି । ହଳ ଯଦି ଚେରରେ ଲଗେ କାଟିଦେବୁ । ତା' ନହେଲେ ଲଙ୍ଗଳ ଭାଙ୍ଗିଯିବ । ଏତିକି କହି ବୁଢ଼ା ଚାଲିଗଲା । ବଧୂସବୁ ବିଲରେ ଗୋଟିଏ ଗୋଟିଏ ସିଆର ଟାଣି ଖାଇବା ବେଳକୁ ବଳଦ ଯୋଡ଼ିକୁ ଧରି ଘରେ ହାଜର । ବୁଢ଼ା ବଧୂକୁ ଦେଖି କାବା । ସେ ଜାଣେ ସବୁ ବିଲରେ ହଳବୁଲାଇବାକୁ ଗଲେ ସଞ୍ଜ ହୋଇଯିବ । ତେଣୁ ସେ ବିଲକୁ ଆସି ଦେଖେତ ସବୁ କିଆରିରେ କେବଳ ଗୋଟିଏ ଲେଖାଏଁ ଲଙ୍ଗଳ ସିଆର ପଡ଼ିଛି ଆଉ ବଧୂ ଲଙ୍ଗଳଟିକୁ କାଟି ଟୁକୁରା ଟୁକୁରା କରି ବିଲରେ ପକାଇ ଦେଇଛି । ସେ ରାଗ ତମ ତମ ହୋଇ ଏକଥା ବଧୂକୁ ପଚାରିବାରୁ ବଧୂ କହିଲା "ଆପଣତ କହିଲେ ସବୁ ବିଲରେ ହଳ ବୁଲାଇବାକୁ । ମୁଁ କ'ଣ ସବୁ ବିଲରେ ହଳ ବୁଲାଇନି ? ପୁଣି ଆପଣ କହିଲେ ଲଙ୍ଗଳ ଚେରରେ ଲାଗିଲେ କାଟିଦେବୁ । ମୁଁ ତେଣୁ ଲଙ୍ଗଳଟିକୁ କାଟି ଖଣ୍ଡ ଖଣ୍ଡ କରିଦେଇଛି । ମୋର ଭୁଲ ରହିଲା କେଉଁଠି ? ବୁଢ଼ା କିଛି କହିପାରିଲାନି । କାନମୁଣ୍ଡ ଆଉଁସି ରହିଲା ।

ବର୍ଷାଦିନ ପାଖେଇ ଆସୁଥାଏ । ବୁଢ଼ା ଭାବିଲା ବିଲର ହିଡ଼ସବୁ ଶକ୍ତ ନ କଲେ ବିଲରେ ପାଣି ରହିବନି । ତେଣୁ ସେ ବଧୂକୁ ଡାକି କହିଲା—"ତୁ କୋଡ଼ି କାନ୍ଧେ ନେଇ ବିଲକୁ ଯା ।" ବିଲର ହିଡ଼ ସବୁ ଶକ୍ତ କରି ଧରିବୁ । ବିଲର ପାଣି ଯେପରି ସରି ନ ଯାଏ । ମୁଁ ଟିକିଏ ପରେ ଯାଉଛି ।" ବଧୂ ବିଲକୁ ଯାଇ ହିଡ଼ରେ ବସି ଗୀତ ଗାଇବାକୁ ଲାଗିଲା । ଯେମିତି ଦେଖିଲା

Digitized by srujanika@gmail.com

ବୁଢ଼ା ଆସୁଛି, ଆସେଣୁଇ ପଡ଼ୁ ସ୍ୱଢ଼ଟକୁ, ଝୁଡ଼ୁ ଯୋଉଁବରୁ କ୍ଷୁହେଁଣୁର ଧରିଲା । ବୁଢ଼ା ଏ କଥା ଦେଖି କାବା । କାରଣ ପଚାରିବାରୁ ବଧୁ କହିଲା—"ଆପଣ ପରା କହିଥିଲେ—ହିଡ ସବୁ ଟେକି କରି ଧରିବାକୁ । ମୁଁ ସେଥିପାଇଁ ଶକ୍ତ କରି ଧରିଛି । ବୁଢ଼ା ହସିବ କି କାନ୍ଦିବ କିଛି ଭାବି ପାରିଲାନି ।

ଆଉ ଦିନ ବୁଢ଼ା ତାକୁ ଛେଳି ଆଉ ଗୋରୁ ଚରାଇବାକୁ ପଠାଇଲା । କହିଲା—"ଘଞ୍ଚ ଜଙ୍ଗଲ କଥା । ଭଲ ଭାବରେ ସେମାନଙ୍କ ଉପରେ ନଜର ରଖିଥିବୁ । ନ ହେଲେ ବାଘ ଭାଲୁ ନେଇ ଯିବେ ।" ବଧୁ ଗୋରୁ ଛେଳି ନେଇ ଜଙ୍ଗଲକୁ ଗଲା । ବେପାରୀ ଜଣକୁ ସବୁ ଗୋରୁ ଆଉ ଛେଳି ବିକି ଦେଲା । ଗୋଟିଏ ଗାଈର ଲାଞ୍ଜ କାଟି ରଖିଲା । ସେଇଟିକୁ ଉଇ ହୁଙ୍କାରେ ଗଳାଇ ଦେଇ ତାର ଶେଷ ମୁଣ୍ଡଟି ଧରି ବସିରହିଲା । ସଞ୍ଜ ହେଲା ବଧୁ ଫେରିଲା ନାହିଁ । ବୁଢ଼ା ତାକୁ ଖୋଜି ବାହାରିଲା । ବୁଢ଼ାକୁ ଦେଖି ବଧୁ ଉଇହୁଙ୍କାରୁ ଲାଞ୍ଜଟି ଟାଣି ବାହାର କଲା । ବୁଢ଼ା ଗୋରୁ ଛେଳି କଥା ପଚାରିଲା । ବଧୁ କହିଲା—ଆପଣ ତ କହିଥିଲେ ଗୋରୁ ଛେଳିକୁ ଲକ୍ଷ୍ୟ କରିବାକୁ । ମୁଁ ଏଠାରେ ବସି ଲକ୍ଷ୍ୟ କରୁଛି । କିନ୍ତୁ ଛେଳିକୁ ବାଘ ନେଇଗଲା । ଗୋରୁ ସବୁଙ୍କୁ ବେପାରୀଟିଏ ନେଇଗଲା । ଗାଈଟିଏ ବାଘଡରରେ ଏଇ ଉଇହୁଙ୍କା ଭିତରେ ପଶି ଯାଉଥିଲା । ମୁଁ ତାର ଲାଞ୍ଜକୁ ଧରି ଟାଣିଲି । ଭାବିଲି ତାକୁ ବାହାର କରି ଭଲ ଭାବରେ ଲକ୍ଷ୍ୟ କରିବି । ହେଲେ ଲାଞ୍ଜଟି ଛିଡ଼ିଗଲା । ବର୍ତ୍ତମାନ ତ ସନ୍ଧ୍ୟା ହୋଇଗଲା । ଗୋରୁଗାଈଟି ଦେଖି ପାରୁନି । କ'ଣ ଆଉ ଲକ୍ଷ୍ୟ କରିବି । ତେଣୁ ବସିଛି । ଏକଥା ଶୁଣି ବୁଢ଼ା ରାଗରେ ପ୍ରଚଣ୍ଡ । ତେଣୁ ସେ ବଧୁକୁ ଗୁଡ଼ାଏ ଗାଳିଗୁଲଜ କରି ତା' ଘରୁ ବାହାରି ଯିବାକୁ କହିଲା । ବଧୁ କହିଲା—ହଁ ମୁଁ ଯିବାକୁ ବାହାରୁଛି । ତେବେ ସର୍ତ୍ତ

ଅନୁସାରେ ଦରମା ଦଶଗୁଣ ନେବ । ଆଉତ ଉପାୟ କିଛି ନଥିଲା । ତେଣୁ ବୁଢ଼ା ବାଧହୋଇ ଝଧୂକୁ ତା' ଦରମାର ଦଶଗୁଣ ଟଙ୍କା ଗଣିଦେଲା ।

ଝଧୂ ମଧୂ ପାଖକୁ ଯାଇ ତା'ଆଗରେ ସବୁକଥା କହିଲା । ମଧୂ ଏବେ ବୁଝିଲା ପ୍ରକୃତରେ ବଳଠାରୁ ବୁଦ୍ଧି ହିଁ ବଡ଼ । ତା'ପରେ ଦୁହେଁ ଟଙ୍କାପଇସା ଧରି ଗାଁକୁ ଫେରିଲେ । ମିଳିମିଶି ସୁଖରେ ରହିଲେ ।

—o—

Digitized by srujanika@gmail.com

ଝଗଡ଼ୁର ବଇଁଶୀ

ଝଗଡ଼ୁ ବୋଲି ବାପା ମା' ଛେଉଣ୍ଡ ପିଲାଟିଏ । ତା'ନିଜର ବୋଲି କେହି ନଥାନ୍ତି । ତେଣୁ ସେ ଲୋକଙ୍କ ଘରେ କାମଦାମ କରେ । ବୋଲହାକ ମାନେ, ଯାହାପାଏ ସେଇଥିରେ ଦୁଃଖେ କଷ୍ଟେ ଚଳିଯାଏ । ଥରେ ସେ ଅଞ୍ଚଳ ଜମିଦାରଙ୍କ ନଜର ତା'ଉପରେ ପଡ଼ିଲା । ସେ ତାକୁ ନେଇଗଲେ । ତାଙ୍କଘରେ ଝଗଡ଼ୁ କାମ କଲା । ଖାଇପିଇ ରହିଲା । ଏମିତି ଦଶବରଷ କଟିଗଲା । ଦିନେ ତାର ଗାଁକଥା ମନେ ପଡ଼ିଲା । ଗାଁ ଲୋକଙ୍କୁ ଦେଖିବାକୁ ତା'ମନ ହାଉଁପାଉଁ ହେଲା । ଗାଁ ଆଡ଼ୁ ଥରେ ବୁଲି ଆସିବ ବୋଲି ଜମିଦାରଙ୍କୁ କହିଲା । ଜମିଦାର ତା'କଥାରେ ରାଜିହେଲେ । ସେ ତାର ଦରମା ଗଣ୍ଡାକ ମାଗିଲା । ଜମିଦାରତ ଭାରି କୃପଣ । ତାକୁ କହିଲେ "ତୋର ଦରମା କଅଣରେ ? ଦୟା ଦେଖାଇ ତୋତେ ମୁଁ ମୋଘରକୁ ଆଣିଥିଲି । ମୋ ଘରେ ଖାଇପିଇ ରହିଲୁ । କାମଦାମ ଶିଖିଲୁ । ତୋର ପୁଣି ଦରମା କ'ଣ ? ଝଗଡ଼ୁ ଜମିଦାରଙ୍କ ମୁହଁ ଉପରେ କିଛି କହି ପାରିଲାନାହିଁ । ଲୁଗାପଟା ଦିଖଣ୍ଡ ଧରି ବାହାରି ପଡ଼ିଲା । ଜମିଦାର କ'ଣ ଭାବିଲେ କେଜାଣି କହିଲେ—"ହଉ ଗାଁକୁ ଯାଉଛୁ ଯେତେବେଳେ ଏଇ ପଇସାଟି ନେଇଥା । ବାଟରେ ମୁଢ଼ିକିଣି ଖାଇବୁ ।" ପଇସାଟି ପାଇ ଝଗଡ଼ୁ ଭାରି ଖୁସି ହେଲା । ଗୀତ ଗାଇଗାଇ ଗାଁ ଆଡ଼କୁ ମୁହାଁଇଲା ।

ଜଙ୍ଗଲ ରାସ୍ତାରେ ଚାଲିଛି ତ ଚାଲିଛି । ବାଟରେ ଦେଖିଲା ଗୋଟିଏ ଗଛମୂଳେ ବୁଢ଼ୀଟିଏ ବସିଛି । ଆଖିକାନ ପଶିଯାଇଛି । ମୁଣ୍ଡବାଳ ଧୋବ ଫରଫର । ବୁଢ଼ୀ ତାକୁ ପାଖକୁ ଡାକିଲା । କହିଲା

Digitized by srujanika@gmail.com

"ପୁଅ ସାତଦିନ ହେଲା ମୁଁ କିଛି ଖାଇନି । ଚାଲିବାକୁ ମୋର ବଳନାହିଁ । ତୋ ପାଖରେ ଯଦି କ'ଣ ଅଛି ମୋତେ ଦିଅନ୍ତୁ ନାହିଁ ? ବୁଢ଼ୀର ଅବସ୍ଥା ଦେଖି ଝିଗଡ଼ୁ ମନରେ ଦୟାହେଲା । ସେ କହିଲା "ମୋ ପାଖରେତ ଖାଇବା ଜିନିଷ କିଛି ନାହିଁ । ତେବେ ମୁଁ ଆସିବାବେଳେ ଜମିଦାର ପଇସାଟିଏ ଦେଇଥିଲେ । ମୁଢ଼ି ଗୁଡ଼ କିଣି ଖାଇବବୋଲି ଭାବିଥିଲି । ତେବେ ମୋ କାନ୍ଧରେ ବସ । ମୁଁ ତୋତେ ପାଖ ଗାଁକୁ ନେଇଯିବି । ସେଇଠି ତୋତେ ଏ ପଇସାଟିରେ ଯାହା ମିଳିବ କିଣିଦେବି ।" ବୁଢ଼ୀକୁ କାନ୍ଧରେ ବସାଇ ସେ ପାଖଗାଁକୁ ନେଇଗଲା । ସେ ଗାଁରେ ପହଞ୍ଚି ବୁଢ଼ୀକୁ ପଇସାଟିଏ ଦେଲା । ବୁଢ଼ୀ କହିଲା "ହଉ ପୁଅ ମୁଁ ଏଇ ପଇସାଟିରେ ମୁଢ଼ି ଗୁଡ଼ କିଣି ଖାଇବି । ତୋର ମଙ୍ଗଳ ହେଉ । ହେଲେ ପୁଅ ତୁ ଭାରି ସରଳ । କିନ୍ତୁ ଏ ସଂସାରରେ ସମସ୍ତେ ସରଳ ନୁହନ୍ତି । ବୁଦ୍ଧି ବିଚାରି ଚାଲିବୁ । ନୋହିଲେ ବିପଦରେ ପଡ଼ିବୁ । ଲୋକେ ତୋତେ ଠକାଇ ଦେବେ । ମୋ ପାଖରେ ଯାହା ଏଇ ବଇଁଶୀଟି ଅଛି ! ଏଇଟିକୁ ନେଇଥା । ଏହାର ଗୁଣ ହେଉଛି ଏ ବଇଁଶୀ ସ୍ୱର ଯିଏ ଶୁଣିବ ସେ ଖାଲି ନାଚିବ । ତୁ ବଇଁଶୀ ବଜାଇବା ବନ୍ଦ ନକଲା ଯାଏଁ ସେ ନାଚୁଥିବ । ତେଣୁ ଏଇଟି ଖୁବ୍ ଯତ୍ନରେ ରଖିଥିବୁ । ଦରକାର ବେଳେ କାମରେ ଆସିବ । ଝିଗଡ଼ୁକୁ ବଇଁଶୀ ବଜାଇବାକୁ ଭଲଲାଗେ । ସେ ବଇଁଶୀଟି ଧରି ବୁଢ଼ୀକୁ ଜୁହାର କରି ଚାଲିଗଲା ।

କିଛି ବାଟ ଗଲା ପରେ ଦେଖିଲା ବେପାରୀଟିଏ ରାସ୍ତାରେ ବସି କାନ୍ଦୁଛି । ଗାଡ଼ିରେ ଜିନିଷ ବୋଝେଇ କରି ସେ ହାଟକୁ ଯାଉଥିଲା । ଗାଡ଼ିଟି ଖାଲରେ ପଡ଼ିଯାଇଛି । ଜିନିଷପତ୍ର ଏଆଡ଼େ ସେଆଡ଼େ ପଡ଼ିଛି । ସେ ଗାଡ଼ିଟି ଉଠାଇ ପାରୁନି । ଝିଗଡ଼ୁକୁ ଦେଖି ସେ ତା' ଦୁଃଖ

Digitized by srujanika@gmail.com

କହିଲା । ଗାଡ଼ିଟି ଉଠାଇବାରେ ସାହାଯ୍ୟ କରିବାକୁ ଅନୁରୋଧ କଲା । ଟଙ୍କାଏ ମଜୁରି ଦେବ ବୋଲି ମଧ କହିଲା । ଝଗଡ଼ୁ କାମରେ ଲାଗିଲା । ଗାଡ଼ିଟି ଖାଲରୁ ଉଠାଇଦେଲା । ଜିନିଷପତ୍ର ଗୋଟାଇ ବୋଝେଇ କରିଦେଲା । ତା'ପରେ ମଜୁରି ମାଗିଲା । ହେଲେ ବେପାରୀ ତାକୁ ପଇସା ନ ଦେଇ ଓଲଟି ଗାଳି ଦେଲା । ଗାଡ଼ି ଆଗେଇ ବାଟେ ବାଟେ ଚାଲିଲା ।

ଝଗଡ଼ୁର ବୁଢ଼ୀ କଥା ମନେ ପଡ଼ିଗଲା । ସେ ତା'ର ବଇଁଶୀ ବାହାର କରି ବଜାଇବାକୁ ଲାଗିଲା । ବେପାରୀ ଆଉ ଯାଏ କୁଆଡ଼େ ? ନାଚିବାକୁ ଲାଗିଲା । ନାଚି ନାଚି ଥକିଗଲା । ଝଗଡ଼ୁ କଣ୍ଟା ଝଣ୍ଟା ବଣ ଦେଇ ଆଗେଇଲା । ନାଚି ନାଚି ବେପାରୀ ତା' ପଛରେ ଚାଲିଥାଏ । ଗୋଡ଼ହାତରେ କଣ୍ଟା ଗଳି ଗଲାଣି ତ ଲୁଗାପଟା ଚିରି ଗଲାଣି । ସେ ଲହୁ ଲୁହାଣ ହୋଇଗଲା । ଝଗଡ଼ୁକୁ ମାଫି ମାଗିଲା । ଟଙ୍କାଟିଏ ବଦଳରେ ଶହେ ଟଙ୍କା ଦେଲା । ଝଗଡ଼ୁ ବଇଁଶୀ ବଜାଇବା ବନ୍ଦ କଲା ।

ବେପାରୀ ପଳାଇଲା ସତ, ହେଲେ ରାଜାଙ୍କ ପାଖରେ ଝଗଡ଼ୁ ନାଁରେ ଫେରାଦ ହେଲା । ଝଗଡ଼ୁ ତାକୁ ମାରି ପିଟି ଟଙ୍କା ଛଡ଼ାଇ ନେଇଛି ବୋଲି କହିଲା । ଟଙ୍କା ଦେଇ ମିଛ ସାକ୍ଷୀ ଠିକ୍ କରି ରାଜାଙ୍କ ପାଖରେ ହାଜର କରାଇଲା । ବେପାରୀ ଓ ସାକ୍ଷୀମାନଙ୍କ କଥାରେ ରାଜା ଭୁଲିଗଲେ । ଝଗଡ଼ୁର କିଛି କଥା ଶୁଣିଲେ ନାହିଁ । ଫାଶୀ ଆଦେଶ ଦେଲେ ।

ଝଗଡ଼ୁ ବା କରେ କ'ଣ ? ଚୁପ୍ ରହିଲା । ଫାଶୀ ଆଗରୁ ରାଜା ତାର ଶେଷ ଇଚ୍ଛା ପୂରଣ କରିବାକୁ ଚାହିଁଲେ । ଝଗଡ଼ୁର ବୁଢ଼ୀ କଥା

Digitized by srujanika@gmail.com

ମନେ ପଡ଼ିଗଲା । ସେ କହିଲା—"ମହାରାଜ ମରିବା ଆଗରୁ ମୁଁ ଟିକେ ମୋ ବଇଁଶୀଟି ବଜାଇବ ।" ଝିଗଡ଼ୁ କଥା ଶୁଣି ବେପାରୀ ପାଟି କରି କହିଲା—"ନାଁ, ନାଁ, ମହାରାଜ; ତାକୁ ସେ ସୁଯୋଗ ଦିଅନ୍ତୁ ନାହିଁ । ଆପଣ ଅସୁବିଧାରେ ପଡ଼ିବେ ।" ହେଲେ ରାଜା ଅସୁବିଧା କ'ଣ ବୁଝି ପାରିଲେ ନାହିଁ । ଝିଗଡ଼ୁକୁ ଅନୁମତି ଦେଇ ଦେଲେ । ବଂଶୀ ବାଜି ଉଠିଲା । ତା' ସାଙ୍ଗେ ସାଙ୍ଗେ ଆରମ୍ଭ ହେଲା ସମସ୍ତଙ୍କ ନାଚ । ନାଚି ନାଚି ସମସ୍ତେ ଥକିଗଲେ । ଅବଶ ହୋଇ ପଡ଼ିଲେ । ରାଜା ଝିଗଡ଼ୁ ପାଖରେ ମାଫି ମାଗିଲେ । ସେ ତାର ସବୁ କଥା ରାଜାଙ୍କୁ କହିଲା । ବେପାରୀ ଓ ସାକ୍ଷୀମାନେ ସତ କଥା ମାନିଗଲେ । ରାଜା ନିଜର ଭୁଲ୍ ବୁଝିଲେ । ବେପାରୀଙ୍କୁ ଦଣ୍ଡ ଦେଲେ । ଝିଗଡ଼ୁକୁ ରାଜସଭାରେ ଚାକିରିଟିଏ ଦେଲେ । ସେ ସୁଖରେ ଘରଦ୍ୱାର କରି ରହିଲା ।

—o—

Digitized by srujanika@gmail.com

ଠକ ନରସିଂ

ଜଣେ ଥିଲେ ରାଜା । ତାଙ୍କ ଦରବାରରେ ବିଦୂଷକଟିଏ ଥାଏ । ତା ନାଁ ବୀର ସିଂ । ସମସ୍ତଙ୍କୁ କଉତୁକ କଥା କହି ହସାଏ । ଦରବାର ଲୋକେ ତାକୁ ଭାରି ଆଦର କରନ୍ତି । ଦିନେ ରାଜା ପଚାରିଲେ— "କହିଲ ବୀର ସିଂ; କେଉଁ ବିଦ୍ୟାଟି ସବୁଠୁଁ ଭଲ ?" ବୀର ସିଂ କହିଲା—"ମଣିମା, ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ ।" ସମସ୍ତେ ହସିଲେ । ସେ ଦିନ କଥା ସେଇଠି ରହିଲା ।

ବୀର ସିଂର କଥା ପରୀକ୍ଷା କରିବା ପାଇଁ ରାଜା ଦିନେ ରାତିରେ ଚୋରି କରିବାକୁ ବାହାରିଲେ । ଜଣେ କୁମ୍ଭାର ଘରକୁ ଗଲେ । ତା' ଘରେ ହାଣ୍ଡି ସବୁ ଥାକ ଥାକ ହୋଇ ରହିଥାଏ । ଭାବିଲେ ହାଣ୍ଡିଟିଏ ଚୋରାଇ ନେବେ । ଥାକର ତଳଆଡ଼ୁ ହାଣ୍ଡିଟାଏ ଭିଡ଼ି ଆଣିଲେ । ଫଳରେ ଉପର ହାଣ୍ଡି ସବୁ ଦୁଲ୍‌ଦାଲ୍ ହୋଇ ଖସି ପଡ଼ିଲା । ସେ ଶବ୍ଦରେ କୁମ୍ଭାରର ନିଦ ଭାଙ୍ଗିଗଲା । ଦୌଡ଼ି ଆସି ଦେଖିଲା ଚୋରଟିଏ ହାଣ୍ଡି ଚୋରାଇ ନେଉଛି । ଅନ୍ଧାର ରାତି । ସେ ବା ରାଜାଙ୍କୁ ଚିହ୍ନି ପାରିବ କିପରି ? ଚୋରର ଭାବି ତାକୁ ବହେ ପିଟିଲା । ଅନ୍ୟମାନେ ବି ଆସି ଜମା ହୋଇଗଲେ । ଶେଷରେ ରାଜାଙ୍କୁ ଚିହ୍ନି ପାରି ଛାଡ଼ି ଦେଲେ ।

ରାଜାଙ୍କୁ ଅପମାନ ହେଲା । ସବୁ ରାଗ ବୀର ସିଂ ଉପରେ ପଡ଼ିଲା । ଆଗ ପଛ ନ ବିଚାରି ତାକୁ ଶୂଳିରେ ବସାଇ ଦେଲେ । ବୀର ସିଂର ସାନ ପୁଅଟିଏ ଥାଏ । ତା ନାଁ ନର ସିଂ । ବାପାଙ୍କ ମୃତ୍ୟୁ

Digitized by srujanika@gmail.com

ଖବର ପାଇ ସେ ଖୁବ୍ ରାଗିଗଲା । ହେଲେ ବଡ଼ଲୋକଙ୍କୁ ଉତ୍ତର ନାହିଁ । ସେ ପୁଣି ଗୋଟିଏ ପିଲାଟିଏ । ରାଜାଙ୍କୁ କ'ଣ ବା କହିବ ? ତଥାପି ରାଜାଙ୍କୁ ଉଚିତ ଶିକ୍ଷାଟିଏ ଦେବା ପାଇଁ ସେ ସବୁବେଳେ ଚିନ୍ତା କରୁଥାଏ ।

ସେଇଦିନୁ ସେ ମନ ଲଗାଇ ପାଠ ପଢ଼ିଲା । ସବୁ ବିଦ୍ୟା ଶିଖିଗଲା । ତା' ପରେ ଦିନେ ସହରର ଛକ ଜାଗାମାନଙ୍କରେ ଲେଖି ଦେଲା—

"ନର ସିଂ ନାମରେ ଗୋଟିର
ଉପର ସାହିରେ ଘର
ଜାଣି ବୁଝି କର ଧର ।"

ଲୋକେ ଏ ଲେଖାରୁ କିଛି ବୁଝି ପାରିଲେ ନାହିଁ । ତା' ଘରେ ଆସି ପହଞ୍ଚିଲେ । ତା' ମା କହିଲା—"ନର ସିଂ ରୋଜଗାର କରିବାକୁ ବିଦେଶ ଯାଇଛି ।" ତେଣୁ ଲୋକେ ଆଉ ସେ ଲେଖା ଉପରେ ଜମା ଗୁରୁତ୍ୱ ଦେଲେ ନାହିଁ ।

ନରସିଂ ଦିନେ ବେଶ ବଦଳାଇ ବଜାରକୁ ଗଲା । ପାନ ଦୋକାନୀକୁ ଶହେ ଖିଲିପାନ ମୋଡ଼ିବାକୁ କହିଦେଲା । ତା'ପରେ ଆଉ ଗୋଟିଏ ଦୋକାନକୁ ଯାଇ ଶହେ ଟଙ୍କାର ସଉଦା କଲା । ଦୋକାନୀକୁ କହିଲା—"ପାନଦୋକାନୀଠୁଁ ମୋର ଶହେ ଟଙ୍କା ପାଇବାର ଅଛି । ନୌକରକୁ ପଠାଅ ମୁଁ ଟଙ୍କା ଦେଉଛି ।" ଦୋକାନୀ ନୌକର ତା' ସାଙ୍ଗରେ ଆସିଲା । ନରସିଂ ପାନ ଦୋକାନୀକୁ କହିଲା ଦୋକାନୀ ଭାଇ; ମୋର ଜରୁରୀ କାମଅଛି । ଏଙ୍କୁ ଶହେ ଦେଇ ଦେବ ।" ଦୋକାନୀ ହଁ ଭରିଲା । ନରସିଂ ସେଠାରୁ ପଳାଇ ଯାଇ

Digitized by srujanika@gmail.com

ନିଜ ବେଶ ବଦଳାଇଦେଲା । ତାକୁ କେହି ଧରି ପାରିଲେନି । କଥାଟା ରାଜାଙ୍କ କାନରେ ପଡ଼ିଲା । ସେ ଏ ବିଚିତ୍ର ଠକକୁ ଧରିବା'ପାଇଁ ଲୋକ ଲଗାଇଲେ ।

ଆରଦିନ ନରସିଂ ପୁଣି ବେଶ ବଦଳାଇ ଗୋଟିଏ ଗାଁଉଁଲି ଲୋକର ପୋଷାକ ପିନ୍ଧିଲା ବଜାରକୁଯାଇ ଗୋଟିଏ ମିଠେଇ ଦୋକାନରେ ପଶିଲା । ଦେଖିଲା ଦୋକାନରେ ଗୋଟେ ପିଲାଟିଏ ବସିଛି । ଦୋକାନୀ ଭିତରେ ମିଠେଇ ତିଆରି କରୁଛି । ନରସିଂ ପିଲାଟିକୁ କହିଲା—"ମୋ ନାଁ ମାଛି । ମୁଁ ତୋ ବାପାଙ୍କ ପିଲାଦିନର ସାଙ୍ଗ ।" ଏତକ କହି ସେ ମିଠେଇ ଖାଇବାକୁ ଲାଗିଲା । ପିଲାଟି ତା' ବାପାକୁ ଡାକି କହିଲା—"ବାପା ମାଛି ମିଠେଇ ଖାଇ ଯାଉଛି । ଦୋକାନୀ ଭାବିଲା ମାଛି ମିଠେଇ ଉପରେ ବସିଥିବ । ତେଣୁ ସେ ଭିତରେ ଥାଇ କହିଲା—ଯେ ଖାଉ । କେତେ ବା ଖାଇବ ।" ନରସିଂ ଯାହା ଖାଇବାର ଖାଇଲା । ଆଉ କିଛି ନିଜ ଥଳିରେ ପୂରାଇ ପଳାଇଲା ।

ସେଠୁ ଯାଇ ସେ ଆଉ ଗୋଟାଏ ବଜାରରେ ପହଞ୍ଚିଲା । ସେତେବେଳକୁ ସେ ଜଣେ ଭଦ୍ରଲୋକର ପୋଷାକ ପିନ୍ଧି ସାରିଥାଏ । ବଜାରର ଗୋଟିଏ ଗଳିରେ ପଶି ପିଲାମାନଙ୍କୁ ମିଠେଇ ବାଣ୍ଟିଲା । ମିଠେଇ ଲୋଭରେ ପିଲାମାନେ ତା' ପଛରେ ଗୋଡ଼ାଇଲେ । ସେ ପିଲାଙ୍କୁ କହିଲା—"ମୋତେ ବାପା ବୋଲି ଡାକ ।" ପିଲାଏ ବାପା ବାପା କହି ତା' ପଛରେ ବୁଲିଲେ । ସେ ଯାଇ ଦୋକାନମାନଙ୍କରୁ ସଉଦା କିଣିଲା । ଦୋକାନୀ ପଇସା ମାଗିବାରୁ ସେ କହିଲା—"ଘରେ ମୋ'ର ଆଉ ଗୋଟାଏ କାମିଜ ପକେଟରେ ପଇସା ରହିଗଲା । ମୋ ପୁଅଟି ଏଇଠି ରହିଲା । ମୁଁ ପଇସା ଧଇଠ କରି

Digitized by srujanika@gmail.com

ଯାକୁ ନେଇ ଯିବ ।" ଏମିତି କହି ସବୁ ଦୋକାନରେ ଜଣେ ଜଣେ ପିଲାଙ୍କୁ ବସାଇ-ଦେଇ ସେ ପଳାଇଲା ।

ଏମିତି ଦିନକୁ ଦିନ ସେ ନୂଆ ଉପାୟରେ ଲୋକଙ୍କୁ ଠକେ । ସେ ତ ବେଶ ବଦଳାଇବାରେ ଧୂରନ୍ଧର । ତେଣୁ କେହି ତାକୁ ଧରି ପାରନ୍ତି ନି । ଏଣିକି ସେ ରାତିରେ ଚୋରି କଲା । ତେଣୁ ରାଜା ତାକୁ ଧରିବା ପାଇଁ ସେନାପତିଙ୍କୁ ଆଦେଶ ଦେଲେ । ସେନାପତି "ହାଲଦଣ୍ଡି"ଟିଏ ତିଆରି କଲେ । ଏହି ହାଲଦଣ୍ଡିଟି ଏମିତି ଯନ୍ତ୍ର ଯେ କେହି ତା' ପାଖ ଦେଇ ଦୌଡ଼ି ଗଲେ ତାକୁ ଟାଣି ଧରେ । ଘଣ୍ଟି ଟିଏ ଆପେ ଆପେ ବାଜି ଉଠେ । ସେନାପତି ସେ ଯନ୍ତ୍ରଟି ନେଇ ରାସ୍ତାର ପ୍ରଧାନ ଛକରେ ରଖିଦେଲେ । ଚାରିଆଡ଼େ ସୈନ୍ୟ ଜଗାଇ ଦେଲେ । ଚୋରକୁ ଦେଖିଲେ "ହାଲଦଣ୍ଡି" ଥିବା ଛକକୁ ଘଉଡ଼ାଇ ନେବାକୁ ଆଦେଶ ଦେଲେ ।

ନର ସିଂକୁ ସେନାପତିଙ୍କ କୌଶଳ ଅଜଣା ରହିଲା ନାହିଁ । ଦିନ ଯାଇ ରାତି ହେଲା । ସେ ରାଜକୁମାରୀ ବେଶରେ ସେନାପତିଙ୍କ ପାଖରେ ପହଞ୍ଚିଲା । ସେନାପତିଙ୍କୁ କହିଲା—"ମୁଁ ଆପଣଙ୍କ "ହାଲଦଣ୍ଡି" ଯନ୍ତ୍ର କଥା ଶୁଣିଲି । ସେଥିରେ କିପରି ଚୋର ଧରି ହେବ ବୁଝିପାରିଲିନି । ମୋତେ ଟିକିଏ ବୁଝାଇ ଦିଅ ।" ସେନାପତି ରାଜକୁମାରୀଙ୍କ କଥା ଟାଳି ପାରିଲେନି । ଯନ୍ତ୍ରର କୌଶଳ ଦେଖାଇବା ପାଇଁ ନିଜେ ଦୌଡ଼ିଲେ । ଯନ୍ତ୍ର ତାଙ୍କୁ ଧରି ପକାଇଲା । ଘଣ୍ଟି ବାଜି ଉଠିଲା । ସମସ୍ତେ ଚୋର ଭାବି ସେନାପତିଙ୍କୁ ବଢ଼େ ପିଟିଲେ ।

ଏଇ ସୁଯୋଗରେ ନର ସିଂ ସେନାପତିଙ୍କ ପୋଷାକ ପିନ୍ଧି ତାଙ୍କ ଘରେ ହାଜର ହେଲା । ସମସ୍ତଙ୍କୁ କହିଲା—"ଗୋଟାଏ ଚୋର

Digitized by srujanika@gmail.com

ଧରା ପଡ଼ୁଛୁ । ତେଣୁ ଅନ୍ୟ ଚୋରମାନେ ରାଗରେ ଆମ ଘର ଉପରେ ଚଡ଼ାଉ କରିବାକୁ ଆସୁଛନ୍ତି । ଟଙ୍କା ପଇସା, ଗହଣାଗାଣ୍ଠି ସବୁ ମୋତେ ଦେଇଦିଅ । ମୁଁ କୋଉଠି ଲୁଚେଇ ଦେବି ।” ସମସ୍ତେ ଜିନିଷପତ୍ର ଦେଇ ଦେଲେ । ନର ସିଂ ସେ ସବୁ ଧରି ପଳାଇଲା ।

ଏ ଖବର ପାଇ ରାଜା ଏକଦମ୍ ବ୍ୟସ୍ତ ହୋଇ ପଡ଼ିଲେ । ମନ୍ତ୍ରୀଙ୍କୁ ଚୋର ଧରିବାକୁ ନିଯୁକ୍ତ କଲେ । ମନ୍ତ୍ରୀ ଭାବିଲେ ସେ ନିଜେ ରାତିସାରା ପହରା ଦେବେ । ଏ କଥା ଜାଣିପାରି ନର ସିଂ ବାବାଜୀ ବେଶରେ ଧୂନି ଜାଳି ରାଜପଥ ଆଉ ଜଙ୍ଗଲ ବାଟର ବାଙ୍କରେ ବସିଗଲା । ମନ୍ତ୍ରୀ ରାତିରେ ବୁଲି ବୁଲି ସେଠି ପହଞ୍ଚିଲେ । ବାବାଜୀଙ୍କୁ ଚୋରମାନଙ୍କ କଥା ପଚାରିଲେ । ନର ସିଂ କହିଲା—ଆଜ୍ଞା, ସେମାନେ ଏଇ ଟିକକ ଆଗରୁ ସହର ଭିତରକୁ ଯାଇଛନ୍ତି । ଚେଷ୍ଟା କର ଏଇ ବାଟେ ଆସିବେ ।” ମନ୍ତ୍ରୀ ନର ସିଂ କଥାରେ ଭୁଲିଗଲେ । ତାକୁ କହିଲେ—“ଆପଣ ମୋତେ ବାବାଜୀ ବେଶରେ ସଜାଇ ଦିଅନ୍ତୁ । ମୁଁ ଏଇଠି ରହି ତାଙ୍କୁ ଧରିବି ।” ନିଜ ପୋଷାକ ଖୋଲି ସେ ବାବାଜୀ ବେଶରେ ବସିଲେ । ଏଇ ସୁଯୋଗରେ ନର ସିଂ ମନ୍ତ୍ରୀଙ୍କ ପୋଷାକ ପିନ୍ଧି ତାଙ୍କ ଘରେ ପହଞ୍ଚିଲା । ତାଙ୍କ ଘରୁ ବି ଗୁଡ଼ାଏ ଜିନିଷ ନେଇ ପଳାଇଲା ।

ଏଥିରେ ରାଜା ଆହୁରି ରାଗିଗଲେ । ସେ ନିଜେ ଚୋର ଧରିବାକୁ ଠିକ୍ କଲେ । ରାତି ହେବାରୁ ଛଦ୍ମବେଶରେ ବାହାରିଲେ । ନର ସିଂ ଏ କଥା ଜାଣି ପାରିଲା । ସେ ନଈରେ କେଉଟ ବେଶରେ ମାଛ ଧରିବାକୁ ଲାଗିଲା । ରାଜା ବୁଲି ବୁଲି ତା’ ପାଖରେ ପହଞ୍ଚିଲେ । ଚୋରମାନଙ୍କ କଥା ପଚାରିଲେ । କେଉଟ କହିଲା—ଚୋରମାନେ ନଈ ପାରିହୋଇ ଆରକୂଳକୁ ଯାଇଛନ୍ତି । ରାଜା ତା’ କଥାକୁ ସତ

Digitized by srujanika@gmail.com

ମଣିଲେ । ନିଜ ପୋଷାକ ଖୋଲି କେଉଟ ବେଶରେ ନଈକୂଳରେ ଜଗି ବସିଲେ । ନର ସିଂ ରାଜଉଆସକୁ ଆସି ରାଜାଙ୍କ ପୋଷାକ ପିନ୍ଧି ଚୋରି କଲା ।

ଆଉ କିଛି ଉପାୟ ନ ଦେଖି ରାଜା ଶେଷରେ ଘୋଷଣା କଲେ—ଚୋର ନିଜେ ଧରା ଦେଲେ ତାକୁ କ୍ଷମା ଦିଆଯିବ । ନର ସିଂ ରାଜାଙ୍କ ପାଖରେ ପହଞ୍ଚିଲା । ସେ କାହିଁକି ଚୋରି କରୁଥିଲା ସବୁ କଥା କହିଲା । ସମସ୍ତେ ତାକୁ ଚିହ୍ନିଲେ । ପ୍ରଶଂସା କଲେ । ରାଜା ତାକୁ କ୍ଷମା ଦେଲେ । ରାଜସଭାରେ ସେ ଚାକିରିଟିଏ ପାଇଲା । ଏବେ ରାଜା ବୁଝି ପାରିଲେ—"ପ୍ରକୃତରେ ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ ।"

—o—

Digitized by srujanika@gmail.com

ହୁଣ୍ଡା ଅସୁର ଓ ଗାଈଆଳ

ଶ୍ରେଷ୍ଠ ପାହାଡ଼ଟିଏ । ତା' ଉପରେ ଗୋଟିଏ ଗୁମ୍ଫା । ସେଇ ଗୁମ୍ଫାରେ ଅସୁରଟାଏ ରହୁଥାଏ । କଳା ମଚ ମଚ ଦେହ । ଦେହରେ ହାତୀ ପରି ବଳ ଦାନ୍ତଗୁଡ଼ାକ ଶାବଳ ପରି । ମୁଣ୍ଡରେ ଶିଙ୍ଗ ଦୁଇଟା ଗଜା ଗଜା । ଘୋର ଦୁଷ୍ଟ ।

ପାହାଡ଼ ପାଖ ଗାଁର ଲୋକେ ଘୋର ଗରିବ । ପାହାଡ଼ରୁ କାଠ ଆଣନ୍ତି । ସହର ବଜାରରେ ବିକନ୍ତି । ଦୁଃଖେ କଷ୍ଟେ ଚଳିଯା'ନ୍ତି । ଲୋକେ ପାହାଡ଼କୁ ଗଲେ ଅସୁର ଧରି ପକାଏ । ଗୁମ୍ଫାକୁ ନେଇଯାଏ । ହେଲେ ସେଠି ସାଙ୍ଗେ ସାଙ୍ଗେ ମାରି ପକାଏ ନାହିଁ । ଆମେ ଆଗେ ଭାତ ତରକାରୀ ରାନ୍ଧେ । ବାନ୍ଧି ନେଇଥିବା ଲୋକଟିକୁ ସାହାଯ୍ୟ କରିବାକୁ କହେ ।

ରନ୍ଧା ସରିବା ପରେ ସେ ଲୋକଟିକୁ ଖାଇବାକୁ ଡାକେ । କହେ—"ଖାଇବା ପ୍ରତିଯୋଗିତାରେ ତୁ ଯଦି ଜିତିପାରୁ ତେବେ ତୋତେ ମୁକୁଳାଇ ଦେବି । ନ ହେଲେ ତୋତେ ଖାଇବି ।" ଅସୁର ସାଙ୍ଗରେ କିଏ ବା ପ୍ରତିଯୋଗିତାରେ ଜିତି ପାରିବ ? ତେଣୁ ସମସ୍ତେ ଅସୁର ପେଟରେ ପଡ଼ନ୍ତି ।

ଅସୁରର ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ହେଲେ ପାହାଡ଼କୁ ନ ଗଲେ ତ ନ ଚଳେ । କାଠ ଆଣି ନ ବିକିଲେ ପେଟରେ ଓଦା କନା ପକାଇ ରହିବାକୁ ହେବ । ଲୋକେ ବାଧ୍ୟ ହୋଇ ପାହାଡ଼କୁ ଯାଆନ୍ତି । କପାଳ ଟାଣ ଥିଲେ ପାହାଡ଼ରୁ କାଠ ନେଇ ଫେରନ୍ତି । ତା' ନ ହେଲେ ଅସୁରର ଜଳଖିଆ ହୁଅନ୍ତି ।

Digitized by srujanika@gmail.com

ଅସୁର କିନ୍ତୁ ଜଣଙ୍କରୁ ବେଶୀ ଲୋକଙ୍କୁ ନିଏ ନାହିଁ । ପୁଣି ଦଳ ବାନ୍ଧି ଗଲେ ପାଖ ମାଡ଼େ ନାହିଁ । ହେଲେ ଦୂର ଗାଁର ବାଟୋଇମାନେ ତ ଏ କଥା ଜାଣି ନ ଥାନ୍ତି । ତେଣୁ ତା' ହାବୁଡ଼ରେ ପଡ଼ିଯାନ୍ତି ।

ଅସୁରର ଅତ୍ୟାଚାର କଥା ଗାଁର ଗାଈଆଳ ପିଲାଟିଏ ଶୁଣିଲା । ତାକୁ ମାରିବାକୁ ଗୋଟାଏ ବୁଦ୍ଧି ପାଞ୍ଚିଲା ।

ତା'ପରେ ଦିନେ ସେ ଗାଈଗୋରୁ ନେଇ ଅସୁର ରହୁଥିବା ଗୁମ୍ଫା ପାଖକୁ ଗଲା । ଆଗରୁ ସଜବାଜ ହୋଇ ଯାଇଥାଏ । ଅସୁର ଆସିଲା । ତାକୁ ବା ସେ ଡରିବ କାହିଁକି ? ତା' ସାଙ୍ଗେ ଗୁମ୍ଫାକୁ ଗଲା । ଦୁହେଁ ରନ୍ଧାବଢ଼ା କଲେ ।

ଏବେ ଖାଇବା କଥା । ଅସୁର ତାର ସର୍ତ୍ତ ବାଢ଼ିଲା । ଗାଈଆଳ ଟୋକା ତ ଆଗରୁ ସେ କଥା ଜାଣେ । ତେଣୁ ସେ ଜାମା ତଳେ ଥଳୀଟିଏ ଲୁଚାଇ ନେଇଥାଏ । ଅସୁର ସେ କଥା ଜାଣେ ନ ।

ଦୁହେଁ ଖାଇବାକୁ ଲାଗିଲେ । ଗାଈଆଳ ଟୋକା ଖାଇବା ନାଁରେ ଖାଦ୍ୟସବୁ ବେକରେ ଝୁଲୁଥିବା ସେଇ ଥଳୀରେ ପୂରାଇ ଦିଏ । ଥଳୀଟି ଜାମାତଳେ ଥିବାର ଅସୁର ଜାଣି ପାରେ ନ । ତେଣୁ ପ୍ରତିଯୋଗିତାରେ ହାରିଗଲା ।

ହେଲେ ଏତେ ଖବରେ ହାରି ଯିବ ବୋଲି ସେ ଜମା ଟିକେ ବି ଭାବି ନ ଥିଲା । ଏବେ ଗାଈଆଳକୁ ଛାଡ଼ିବାକୁ ବି ନାରାଜ । ତାକୁ ଖାଇବା ପାଇଁ ମନ ଖାଲି ଛକ ପକ ହେଉଥାଏ । ଜିଭରୁ ଲାଳ ଗଡ଼ୁଥାଏ । ପୁଣି ସର୍ତ୍ତ କଥା ବି ଭୁଲି ପାରୁ ନ ଥାଏ ।

Digitized by srujanika@gmail.com

ଗାଈଆଳ ଟୋକା ଅସୁରର ମନକଥା ଜାଣି ପାରିଲା । ଏପରି ହେବ ବୋଲି ସେ ଜାଣିଥାଏ । ତେଣୁ ସେ କହିଲା—"ତୁମେ ଭାବୁଛ ମୁଁ ତୁମଠାରୁ କମ୍ ଖାଇଛି, ନୁହେଁ ? ତେବେ ପରୀକ୍ଷା କରାଯାଉ । ପେଟ କାଟି ଖାଦ୍ୟ ବାହାର କରିବା । କିଏ ବେଶୀ ଖାଇଛୁ ଜଣା ପଡ଼ିଯିବ । ଖଣ୍ଡାଟିଏ ଆଣ । ମୁଁ ପ୍ରଥମେ ପେଟ କାଟି ଖାଦ୍ୟ ବାହାର କରେ । ଅସୁର ଖଣ୍ଡା ଆଣିଲା । ପେଟ କାଟିବା ଆଳରେ ଥଳୀଟିଏ ଚିରି ଗାଈଆଳ ଟୋକା ଖାଦ୍ୟ ବାହାର କଲା ।

ଅସୁର ତ ହୁଣ୍ଡାଟାଏ । ଗାଈଆଳ ଟୋକା କୌଶଳ ବୁଝି ପାରିଲା ନ । ତେଣୁ ନିଜର ପେଟ କାଟିବାକୁ ଟୋକାକୁ କହିଲା । ଗାଈଆଳ ଟୋକାତ ଏଇ ସୁଯୋଗ ଖୋଜୁଥିଲା । ତେଣୁ ସେ ସାଙ୍ଗେ ସାଙ୍ଗେ ଖୁବ୍ ଜୋର ପେଟରେ ଖଣ୍ଡାରେ ଚୋଟଟାଏ ବସାଇ ଦେଲା । ଅସୁର ଘୁରିକାତ ଲମ୍ବାଇ ମରି ଶୋଇଲା ।

ସେ ଅଞ୍ଚଳରୁ ଅସୁର ଭୟ ଗଲା । ସମସ୍ତେ ଗାଈଆଳ ଟୋକାର ବୁଦ୍ଧିକୁ ପ୍ରଶଂସା କଲେ ।

—o—

Digitized by srujanika@gmail.com

ସାତଭାୟା ତାରା

ଗୋଟିଏ ଗାଁରେ ବିଧବା ବୁଢ଼ୀଟିଏ ଥାଏ । ତାର ସାତ ପୁଅ ପୁଅମାନଙ୍କ ଦେହେରି ବେଶ୍ ଡଉଲ୍ ଡାଉଲ । ଦେହରେ ହାତୀ ପରି ବଳ । ହେଲେ ଯେମିତି ଅଳସୁଆ ସେମିତି ବଦମାସ୍ । କାହାରି ଶିରୀ ଜମା ଦେଖି ପାରନ୍ତି ନାହିଁ । କେହି ଫସଲ କରିଥିଲେ ଲୁଟିନେଇ ଆଣନ୍ତି । କଥା ଥାଉ କି ନ ଥାଉ ଲୋକଙ୍କୁ ମାରଧର କରନ୍ତି । ବୁଢ଼ୀ ବି ପୁଅଙ୍କଠୁଁ ବଳେ । କାହାରି ସୁଖ ଦେଖି ସହି ପାରେ ନା । କଣ୍ଟା ବାଡ଼ରେ ଲୁଗା ପକାଇ କଳି କରେ । କେହି ତାକୁ ଭଲ ପାଆନ୍ତି ନାହିଁ ।

ବୁଢ଼ୀ ଆଉ ତା' ସାତ ପୁଅମାନଙ୍କ ଦୁଷ୍ଟାମୀ ଦିନକୁ ଦିନ ବଢ଼ିଲା । ଲୋକେ ତାଙ୍କ ଅତ୍ୟାଚାର ସହି ପାରିଲେ ନି । କରମ ଠାକୁରଙ୍କୁ ପ୍ରାର୍ଥନା କଲେ । ଠାକୁର ତାଙ୍କ ଡାକ ଶୁଣିଲେ । ପୂଜକଙ୍କୁ ସ୍ୱପ୍ନରେ କହିଲେ—"ମୁଁ ନିଶ୍ଚୟ ଗୋଟାଏ କିଛି ଉପାୟ କରିବି । ବ୍ୟସ୍ତ ହୁଅ ନାହିଁ ।

ଏମିତି କେତେଦିନ ବିତିଗଲା । ଦିନେ ଠାକୁର ବୁଢ଼ା ଜ୍ୟୋତିଷ ବେଶରେ ବୁଢ଼ୀ ପାଖରେ ପହଞ୍ଚିଲେ । ତା' ହାତ ଦେଖି ଢେର ପ୍ରଶଂସା କଲେ । ନିଜ ପ୍ରଶଂସା ଶୁଣି ବୁଢ଼ୀ ବହୁତ ଖୁସି ହେଲା । ତାପରେ ଠାକୁରଙ୍କୁ ତା'ର ମୃତ୍ୟୁ କଥା ପଚାରିଲେ । ଠାକୁର କହିଲେ—"ସେ ଗୁମର କଥା ତ କହିବାର ନୁହେଁ ।" ଠାକୁରଙ୍କ କଥା ଶୁଣି ବୁଢ଼ୀର ଅଦ୍ଭୁତ ଆଗ୍ରହ ବଢ଼ିଗଲା । ବିନୟ ହୋଇ

Digitized by srujanika@gmail.com

ତାଙ୍କୁ ଅନେକ ପ୍ରାର୍ଥନା କଲା । ଠାକୁରେ କହିଲେ—"ତୋର ସାପ କାମୁଡ଼ାରେ ମରଣ ହେବ ।"

ବୁଢ଼ୀ କହିଲା—"ତେବେ ତ ମୋର ମୋକ୍ଷ ହେବନାହିଁ ?"

ଠାକୁରେ କହିଲେ—ମୋକ୍ଷ ହେବାର ଗୋଟାଏ ମାତ୍ର ବାଟ ଅଛି । ସେଇଟା ହେଲା ତୋ ଶବକୁ ଏପରି ଜାଗାରେ ପୋଡ଼ିବା ବା ପୋତିବା ଦରକାର, ଯେଉଁଠି କୌଣସି ଜୀବ ମରି ନଥିବେ । ଯେଉଁ ଜୀବର ହାଡ଼ ବା ମାଂସ ସେ ଜାଗାରେଥିବ ତୁ ପୁଣି ସେଇ ଜନମ ପାଇବୁ । ନିଜ ମରିବା କଥା ଜାଣିସାରି ବୁଢ଼ୀ ଠାକୁରଙ୍କୁ ପଚାରିଲା—"ମୁଁ ମରିଗଲେ ତ ମୋ ପୁଅମାନେ ଘର ଉଦ୍ଧଳ ଖଇଳ ହେବେ । ତେଣୁ ମରିବା ଆଗରୁ ତାଙ୍କ ପାଇଁ କିଛି ଧନ ସଞ୍ଚ ଯିବ ବୋଲି ଭାବୁଛି । ହେଲେ ଧନ ପାଇବି କେଉଁଠୁ ?" ଠାକୁରେ ବୁଢ଼ୀ ଧନଲୋଭ ଦେଖି ଟିକେ ହସି ଦେଇ କହିଲେ—"ବଡ଼ପାହାଡ଼ରେ ଗୋଟିଏ ଗୁମ୍ଫା ଅଛି । ସେଇଠି ଅନେକ ମଣି ରହିଛି । ସେସବୁ ଆଣିପାରିଲେ ତୋ ପୁଅମାନେ ସୁଖରେ ରହିବେ । ଏତିକି କହି ଠାକୁରେ ଚାଲିଗଲେ । କିନ୍ତୁ ଅସଲ କଥା ହେଲା ସେ ଗୁମ୍ଫାରେ ମଣିନାଗ ରହେ । ଯିଏ ସେଠିକି ଯାଏ ମଣିନାଗ ତାକୁ ମାରିଦିଏ । ହେଲେ ବୁଢ଼ୀ ଏକଥା ଜାଣି ନଥାଏ । ତାକୁତ ଧନନିଶା ଲାଗିଛି । ସେ ମଣି ଆଣିବାକୁ ପାହାଡ଼କୁ ଗଲା । ପୁଅମାନେ ବି ତା' ସାଙ୍ଗରେ ବାହାରିଲେ । ପାହାଡ଼ ଗୁମ୍ଫା ପାଖରେ ଯେମିତି ସେ ପହଞ୍ଚିଛି ମଣିନାଗ ହାବୁଡ଼ରେ ପଡ଼ିଲା । ନାଗ ତାକୁ ଚୋଟେ ମାରିଲା । ବୁଢ଼ୀର ଠାକୁରଙ୍କ କଥା ମନେ ପଡ଼ିଲା । ସେ ପୁଅମାନଙ୍କୁ ପାଖକୁ ଡାକି ଠାକୁରେ କହିଥିବା କଥା ତାଙ୍କୁ ବୁଝାଇ ଦେଲା ।

Digitized by srujanika@gmail.com

ପୁଅମାନେ ବୁଢ଼ୀକୁ କୋକେଇରେ ବାନ୍ଧିଲେ । ଚାରିଜଣ ତାକୁ କାନ୍ଧେଇଲେ । ଜଣେ ନିଆଁ ଅହ୍ଟା ଧରିଲେ । ଜଣେ କୋଦାଳ ଓ ଅନ୍ୟଜଣେ କୁରାଢ଼ୀ ଧରି ବୁଢ଼ୀକୁ ପୋଡ଼ିବାକୁ ବାହାରିଲେ । ହେଲେ ପୃଥିବୀରେ ତ ସବୁ ଜାଗାରେ ଜୀବଜନ୍ତୁ ମରିଛନ୍ତି । ସେମିତି ଫାଙ୍କାଜାଗାଟିଏ ପାଇଲେ ନାହିଁ । ତେଣୁ ସେମାନେ ସ୍ୱର୍ଗ ଆଡ଼କୁ ମୁହାଁଇଲେ । ଚାଲିଛନ୍ତି ତ ଚାଲିଛନ୍ତି । ଠାକୁରଙ୍କ ମାୟାରେ ତାଙ୍କ ବାଟ ସରୁନି । ଶେଷରେ ସେମାନେ ସେଇ ଆକାଶରେ ତାରା ହୋଇଗଲେ । ତାଙ୍କୁ କୁହାଯାଏ "ବୁଢ଼ୀ ଖେଟିଲ" ବା ସାତଭାୟା ତାରା, ଆକାଶକୁ ଚାହିଁଲେ ଆମେ ଯେଉଁ ସପ୍ତର୍ଷି ମଣ୍ଡଳ ଦେଖୁ; ତାହା ହେଉଛି ସେଇ ସାତଭାୟା ବା ବୁଢ଼ୀଖେଟିଲ ତାରା ।

—୦—

Digitized by srujanika@gmail.com

ବଳୁଆମାନେ ଏକାସାଙ୍ଗେ ବୋବାନ୍ତି କାହିଁକି

ବଣରେ ମା' ବଲୁଆଟିଏ ଥାଏ । ତାର ସାନସାନ ଦୁଇଟି ଛୁଆ । ସବୁଦିନ ସେ ପିଲମାନଙ୍କ ମୁହଁରେ ଆଧାର ଦେଇ ବଣକୁ ଚାଲିଯାଏ । ପିଲମାନେ ଖାଉଥିବାବେଳେ ପବନ ବହେ । ଧୂଳିମଳି ଉଡ଼ିଆସି ଖାଦ୍ୟ ଅସନା ହୋଇଯାଏ । ପିଲାଏ ସେ ଅସନା ଖାଦ୍ୟ ଖାଇପାରନ୍ତି ନାହିଁ । ଆଧାର ନ ଖାଇ ଛୁଆଦୁଇଟି ଦିନକୁ ଦିନ ଶୁଖିଗଲେ । ମା'ବଲୁଆ ଦିନେ ତାର କାରଣ ପଚାରିଲା । ପବନ କିପରି ତାଙ୍କ ଖାଦ୍ୟରେ ବାଲି ଉଡ଼ାଇ ଆଣି ଦେଉଛି ସେ କଥା ପିଲାଏ କହିଲେ । ବଲୁଆର ପବନ ଉପରେ ରାଗ ହେଲା । ସେ ପବନକୁ ଡାକି କହିଲା—"ତୋର ତ ସାହସ କମ୍ ନୁହେଁ ? ଟିକିଏ ଜୋରରେ ଦୌଡ଼ିପାରୁ ବୋଲି ତୋର ଏତେ ଗର୍ବ ? ତୁ କ'ଣ ଭାବୁଛୁ ତୋ ଠାରୁ କେହି ବେଶୀ ଜୋରରେ ଦୌଡ଼ି ପାରିବେନି ? ଦୌଡ଼ିଲେ ତୁ ପରା ମୋର ସାଙ୍ଗ ପଛରେ ପଡ଼ିବୁ । ତୋର ପୁଣି ଏତେ ଫୁଟାଣି ?

ବଲୁଆ କଥା ଶୁଣି ପବନ ହସିଲା । କହିଲା ଏମିତି କଥା ? ତୁ ମୋତେ ଦୌଡ଼ରେ ହଟାଇ ଦେବୁନା ? ତା ଯଦି ଜିଣିପାରିବୁ ତା' ହେଲେ ମୁଁ ତୋ ପାଖରେ ବର୍ଷେ ଯାଏଁ ଗୋଲାମ ହୋଇ ରହିବି । ତୋର ସବୁ କଥା ମାନିବି ।

ବଲୁଆ ସିନା ରାଗରେ ଏକଥା କହିଦେଲା । ହେଲେ ପବନ ସାଙ୍ଗରେ ଦୌଡ଼ିବା କଥା ଯୋଗୁଁ ସେ ଟିକିଏ ଡରିଗଲା । ତେବେ କହିଦେଲେତ ଆଉ ଟଳିବ ନାହିଁ । ପବନକୁ ଯେମିତି ହେଉ ହରାଇବାକୁ ହେବ । ତା' ନହେଲେ ତା'ମାନ ରହିବନାହିଁ । ତେଣୁ ସେ ପବନ ସାଙ୍ଗରେ ପ୍ରତିଯୋଗିତା ପାଇଁ ରାଜି ହୋଇଗଲେ ।

Digitized by srujanika@gmail.com

ଦିନ ଠିକ୍ ହେଲା । ଆଗରେ ଦେଖା ଯାଉଥିବା ପାହାଡ଼ଯାଏଁ ଦୁହେଁ ଦୌଡ଼ିଯିବେ ଓ ପାହାଡ଼କୁ ଛୁଇଁଦେଇ ଦୌଡ଼ ଆରମ୍ଭ କରିଥିବା ଜାଗାକୁ ପୁଣି ଫେରିଆସିବେ । ଯିଏ ଆଗ ପହଞ୍ଚିବ ସେ ଜିତିବ । ହେଲେ ପବନ ମନରେ ସନ୍ଦେହ ହେଲା । ସେ କହିଲା "ତୁ ଯଦି ଅଧବାଟରୁ ଫେରି ଆସି ଦୌଡ଼ିବା ଜାଗାରେ ଠିଆହୋଇ ରହିବୁ ? ତୁ ସେ ପାହାଡ଼ ପାଖରେ ପହଞ୍ଚିଲୁ ବୋଲି ମୁଁ ଜାଣିବ କିପରି ?" ବଲୁଆ କହିଲା—ମୁଁ ଦୌଡ଼ିବାବେଳେ ବୋବାଇବ ।

ବଲୁଆ ତା'ସଙ୍ଗମାନଙ୍କୁ ଡାକିଲା । ତା'କୌଶଳ ସମସ୍ତଙ୍କୁ ବୁଝାଇଦେଲା । ଦୌଡ଼ିବା ଦିନ ସମସ୍ତେ ଆସିବେ ବୋଲି କହିଲେ । ବଲୁଆ କହିଲା—"ଦୌଡ଼ ଆରମ୍ଭ ଜାଗାଠୁଁ ପାହାଡ଼ଯାଏଁ ଅଳ୍ପ ଅଳ୍ପ ଦୂରରେ ଜଣେ ଜଣେ ଠିଆହୋଇ ରହିଥିବ । ପ୍ରଥମେ ମୁଁ ବୋବାଇବା ଆରମ୍ଭ କରିବ । ମୋ କଣ୍ଠସ୍ୱର ଶୁଣିବା ମାତ୍ରେ ଆଗ ଜଣକ ବୋବାଇବ । ତା'ସ୍ୱର ଶୁଣିଲେ ତା'ଆଗ ଜଣକ ବୋବାଇବ । ଏମିତି ସମସ୍ତେ ବୋବାଇଲେ ପବନ ଭାବିବ ଯେ ବଲୁଆ ଦୌଡ଼ୁଛି । ସେ ନିଶ୍ଚେ ହାରିଯିବ ।

ଦୌଡ଼ଦିନ ବଲୁଆ ଆଗରୁ ଏସବୁ ଠିକ୍ ଠାକ୍ କରିଦେଇ ଥାଏ । ଦୌଡ଼ ଆରମ୍ଭ ହେଲା । ବଲୁଆସବୁ ବୋବାଇଲେ । ପବନ ଯେତେ ଜୋରରେ ଦୌଡ଼ିଲେ ମଧ୍ୟ ବଲୁଆର ଡାକ ଆଗରେ ଶୁଣି ପାରିଲା । ସେ ବୁଝି ପାରିଲା ନାହିଁ ବଲୁଆ ଏତେ ଶୀଘ୍ର ଦୌଡ଼ିଲା କିପରି ? ସେ ହାରିଗଲା । ସର୍ତ୍ତ ଅନୁସାରେ ସେ ବଲୁଆ ପାଖରେ ଚାକର ହୋଇ ରହିଲା । ହେଲେ କିଛିଦିନ ପରେ ସେ ବଲୁଆର କୌଶଳ ବୁଝି ପାରିଲା । ତେଣୁ ସେ ଅଭିଶାପ ଦେଲା—"ଗୋଟିଏ ବଲୁଆ ବୋବାଇଲେ ସମସ୍ତେ ବୋବାଇବେ । ନୋହିଲେ ଛାତି ଫାଟିଯିବ ; ମରିବେ । ସେହିଦିନଠୁଁ ସବୁ ବଲୁଆ ଏକା ସାଙ୍ଗରେ ବୋବାନ୍ତି ।

Digitized by srujanika@gmail.com

ସାତ ଭଉଣୀ

ଜଣେ ଧନୀ ଜମିଦାର ଥିଲେ । ତାଙ୍କର ସାତଝିଅ । ସେମାନେ ଖୁବ୍ ସୁନ୍ଦରୀ । ରୂପରେ ଏକୁ ଆରେକ ବଳି । ଜମିଦାର ଘରର ଅଭାବ ବା କ'ଣ ? ତେଣୁ ସେମାନେ ଅଝୁସରେ ବଢ଼ିଥନ୍ତି । ହେଲେ ତାଙ୍କ ଗୁଣ ଭଲନୁହେଁ । ଅନ୍ୟକୁ କଷ୍ଟଦେଇ ସେମାନେ ସୁଖ ପାଆନ୍ତି । ଟିକିଏ ଟିକିଏ ଦୋଷପାଇଁ ଚାକର-ବାକରଙ୍କୁ ଦଣ୍ଡ ଦିଅନ୍ତି । ଜମିଦାରଙ୍କ ଝିଅ ବୋଲି କେହି କିଛି କହନ୍ତି ନାହିଁ । ତେଣୁ ଅନ୍ୟକୁ କଷ୍ଟଦେଇ ଆନନ୍ଦ ପାଇବା ତାଙ୍କର ଜାଣ ନିଶା ହୋଇଗଲା ।

ଦିନେ ସେମାନେ ଶୁଣିଲେ କାଉଁରି ଦେଶରେ ଯାଦୁବିଦ୍ୟା ଶିକ୍ଷା ଦିଆଯାଏ । ସେ ଦେଶକୁ ଯିବାକୁ ତାଙ୍କ ମନ ହାଉଁ ପାଉଁ ହେଲା । ସେ ଅଞ୍ଚଳରେ ଡାହାଣୀ ବୁଢ଼ୀଟିଏ ଥାଏ । ସେ କାଉଁରି ଦେଶକୁ ଯାଏ ବୋଲି ଭଉଣୀମାନେ ଶୁଣିଲେ । ବୁଢ଼ୀ ପାଖକୁ ଗଲେ ନିଜ ମନକଥା କହିଲେ । ବୁଢ଼ୀଟି ସଙ୍ଗ ଖୋଜୁଥିଲା । ତେଣୁ ସାତଭଉଣୀଙ୍କୁ ଡାହାଣୀ ବିଦ୍ୟା ଶିଖାଇ ଦେଲା । ଗାଁ ମୁଣ୍ଡରେ ଝଙ୍କାଳିଆ ବରଗଛଟିଏ ଥାଏ । ବୁଢ଼ୀ ସେଇଗଛକୁ ମନ୍ତ୍ରବଳରେ ଉଡ଼ାଇ ନିଏ । ତାର ଉପରେ ବସି କାଉଁରି ଦେଶକୁ ଯାଏ । ଏଥର ସେ ସାତଭଉଣୀଙ୍କୁ କାଉଁରି ଦେଶକୁ ନେଇଗଲା । ସେ ଦେଶ ରାଜାଙ୍କ ସାଙ୍ଗରେ ପରିଚୟ କରାଇଦେଲା । ଭଉଣୀମାନେ ସେଠି ମନ୍ତ୍ର ତନ୍ତ୍ର ଶିଖିଲେ ।

Digitized by srujanika@gmail.com

ଏ ମନ୍ତ୍ର ଶିଖିଲେ ଅତି ଆପଣାଲୋକର କଲିଜାରେ ପୂଜା କରିବାକୁ ହୁଏ । ଭଉଣୀଯାକ ଉପାୟଟିଏ ପାଇଥିଲେ । ସବୁଦିନ ରାତିରେ ସେମାନେ ବୁଲି ବାହାରନ୍ତି । ଯୁବକଟିଏ ପାଇଲେ ଧରି ଆଣନ୍ତି । ତାଙ୍କ ଭିତରୁ ଜଣଙ୍କୁ ବର ହେବାକୁ କହନ୍ତି । ଯୁବକଟି ଯଦି ବଡ଼ଭଉଣୀମାନଙ୍କ ଭିତରୁ କାହାକୁ ବରିହୁଏ ତେବେ ତା'ଶାଳୀ-ମାନେ ତାକୁ ଅଣ୍ଠା ଝାପରା କରନ୍ତି । ପିଠି ପିଠି ମାରି ଦିଅନ୍ତି । ତା'ର କଲିଜାରେ ଦେବୀ ପୂଜା କରନ୍ତି ।

ତାଙ୍କ ଦେଶର ରାଜକୁମାର ବାପାଙ୍କୁ ସାହାଯ୍ୟ ପାଇଁ ରାଜକାର୍ଯ୍ୟ ବୁଝନ୍ତି । ରାତିରେ ବେଶ ବଦଳାଇ ରାଜଧାନୀ ପାଖ ଗାଁ ଗଣ୍ଡାରେ ବୁଲନ୍ତି । ଲୋକଙ୍କ ଅଭାବ ଅଭିଯୋଗ ଶୁଣନ୍ତି । ରାଜ-କର୍ମଚାରୀଙ୍କ ଅନ୍ୟାୟ ଅତ୍ୟାଚାର କଥା ଜାଣନ୍ତି । ଦିନେ ରାତିରେ ସେ ବୁଲୁଥିବା ବେଳେ, ସାତଭଉଣୀଙ୍କ ହାବୁଡ଼ରେ ପଡ଼ିଗଲେ । ସେମାନେ ତାଙ୍କୁ ଧରିନେଲେ । ତାଙ୍କ ଭିତରୁ ଜଣଙ୍କୁ ବରହେବାକୁ ବାଧ୍ୟକଲେ । ରାଜକୁମାର ବଡ଼ ଅଡ଼ୁଆରେ ପଡ଼ିଗଲେ । କାହାକୁ ବରହେବବୋଲି ଠିକ୍ କରି ପାରିଲେନି । ଭଉଣୀମାନଙ୍କ ଜିଦ୍ ଦେଖି ତାଙ୍କ ମନରେ ସନ୍ଦେହ ହେଲା । ଭାବିଲେ ଏହା ଭିତରେ କିଛି ଗୁମର ଅଛି । ସେ ଭାବିଚିନ୍ତି ସବା ସାନ ଭଉଣୀଟିକୁ ବରିନେଲେ । ତେଣୁ ଅନ୍ୟ ଭଉଣୀମାନେ ତାଙ୍କର କିଛି ଅନିଷ୍ଟ କରିପାରିଲେ ନାହିଁ । ଯୁବରାଜଙ୍କୁ ଆଦରକରି ଘରକୁ ନେଇଗଲେ ।

କିଛିଦିନ ଗଲା । ସାତଭଉଣୀ କାଳିଙ୍ଗଦେଶ ରାଜାଙ୍କ ଝିଅର ବିବାହ ନିମନ୍ତ୍ରଣ ପାଇଲେ । ହେଲେ ରାଜକୁମାର ଯୋଗୁଁ ସବୁ ଅସୁବିଧା ହେଲା । ତାଙ୍କ ଭିତରେ ଏ ବିଷୟ କଥାବାର୍ତ୍ତା ହେଲା । ରାଜକୁମାର ଏକଥା ଶୁଣିଲେ । ତେଣୁ ସେ ସାନ ଭଉଣୀକୁ

Digitized by srujanika@gmail.com

କହିଲେ—"ମୋ ଦେହ ଭଲ ନାହିଁ ମୋତେ ଶୀଘ୍ର ଖାଇବାକୁ ଦିଅ । ମୁଁ ଶୋଇଯିବି । ମୋତେ କେହି ଉଠାଇବ ନାହିଁ ।" ଏକଥା ଶୁଣି ଭଉଣୀମାନେ ଖୁସି ହୋଇଗଲେ । ତାଙ୍କୁ ଖାଇବାକୁ ଦେଲେ । ରାଜକୁମାର ଦୁଆର କିଳି ଶୋଇବା ଘରକୁ ପଶିଗଲା । ହେଲେ ଆଉ ଗୋଟାଏ ବାଟଦେଇ ବାହାରକୁ ଚାଲିଗଲା । ସେଇ ବରଗଛ ଉପରେ ଯାଇ ବସିଲା । ଭଉଣୀଯାକ ତର ତର ହୋଇ ଗଛ ପାଖରେ ପହଞ୍ଚିଲେ । ମନ୍ତ୍ରକଲେ । ଗଛ ଉଡ଼ିଲା । କାଉଁରି ଦେଶରେ ପହଞ୍ଚିଲା । ଗଛପାନରୁ ଓହ୍ଲାଇ ସାତଭଉଣୀ ରାଜାଙ୍କ ଉଆସକୁ ଚାଲିଲେ । ରାଜକୁମାର ଗଛରୁ ଓହ୍ଲାଇ ବରଯାତ୍ରୀଙ୍କ ସାଙ୍ଗରେ ମିଶିଗଲେ ।

କାଉଁରିଦେଶ ରାଜାଜେମାଙ୍କୁ ବାହା ହେବାକୁ ଆସିଥିବା ବରଟି ଦେଖିବାକୁ ଭାରି ଅସୁନ୍ଦର । କ୍ଷୋଟାଟାଏ । ରାଜକୁମାରଙ୍କୁ ଦେଖି ବରଯାତ୍ରୀମାନେ କହିଲେ—"ଆମ ବରଟି ଅସୁନ୍ଦର । ବେଦୀଉପରେ ତାଙ୍କୁ ଦେଖିଲେ କନ୍ୟାପକ୍ଷ ହସିଦେବେ । ତେଣୁ ତୁମକୁ ଆମେ ବର ବେଶରେ ସଜାଇ ଦେବୁ । ତୁମେ ବେଦୀରେ ବସିବ । ବାହା ସରିଲେ ଚାଲି ଆସିବ । ତୁମକୁ ଆମେ ପୁରସ୍କାର ଦେବୁ ।" ରାଜକୁମାର ତାଙ୍କ କଥାରେ ରାଜି ହୋଇଗଲେ । ବରବେଶରେ ବେଦୀରେ ବସିଲେ । ସାତ ଭଉଣୀ ତାଙ୍କୁ ଦେଖି କାବା । ମନେ ମନେ ଭାବିଲେ, ସେମାନେ ତ ଯୁବରାଜଙ୍କୁ ଘରେ ଛାଡ଼ି ଆସିଥିଲେ ସେ ଏଠିକି ଆସିଲେ କେମିତି ? ଏମିତି ଗୁଡ଼ାଏ କଥା ଭାବିହେଲେ । ବାହାକାମ ସରିଲା । ରାଜକୁମାରଙ୍କ ମନେ ଯାଇ ଗଛ ପାଖରେ । ସାତଭଉଣୀ ଚାଲିଗଲେ ସେ ପୁଣି ଯିବେ କିପରି ? ଏଇଥି ପାଇଁ ସେ ଜବାକୁ ତରତର ହେଉଥାନ୍ତି । କାଉଁରିଦେଶ ରାଜକୁମାରୀ ତାଙ୍କର ଏଭାବ ଦେଖି ତାଙ୍କ ହାତରୁ ମୁଦିଟି କାଢ଼ିନେଲା । ସବୁକଥା ପଚାରିଲା । କହିଲା—ସତକଥା କହିଲେ ମୁଦି

Digitized by srujanika@gmail.com

ଦେବ ନୋହିଲେ ନାହିଁ । ରାଜକୁମାର କେବଳ ଏତିକ କହିଲେ—

"ନୁହେଁ ମୁହିଁ ସ୍ୱାମୀ ତୁମ ରାଜକୁମାରୀ
ତୁମେଯିବ ଯା'ର ଘର
ଅଛି ସେହି ଅଲଷର
ମୁଁ ଅଟଇ ମାତ୍ର କେମୋକା' 'ତାହାରି' ।

ରାଜକୁମାର ଏତିକ କହି ପଳାଇ ଆସିଲେ । ବରଯାତ୍ରୀଙ୍କଠୁଁ ପାଉଣା ନେଇ ଗଛରେ ବସିଲେ । ସାତଭଉଣୀ ତରତର ହୋଇ ଆସି ଗଛରେ ଚଢ଼ିଲେ । ଗଛ ଉଡ଼ି ଚାଲିଲା । ନିଜ ରାଜ୍ୟରେ ପହଞ୍ଚିଲେ । ସାତଭଉଣୀ ତର ତର ହୋଇ ଗଛରୁ ଓହ୍ଲାଇଲେ । ଘରମୁହାଁ ଚାଲିଲେ । ରାଜକୁମାର ବି ଗଛରୁ ଓହ୍ଲାଇ ଘରେ ପହଞ୍ଚିଲେ । ଭଉଣୀମାନଙ୍କ ଅଜଣାରେ ଘରେ ପଶି ଶୋଇ ପଡ଼ିଲେ । ହେଲେ ବିଛଣାରେ ପଡ଼ୁ ପଡ଼ୁ ତାଙ୍କୁ ନିଦ ଘୋଟି ଆସିଲା । ବରପୋଷାକ ଦେହରୁ ଖୋଲିବାକୁ ତାଙ୍କର ଖିଆଲ ନ ହିଁ । ସାତଭଉଣୀ ଆସି ତାଙ୍କୁ ଶୋଇଥିବାର ଦେଖିଲେ । ହେଲେ ଦେହରେ ବରପୋଷାକ ଦେଖି ଗଲା ରାତିକଥା ମନେ ପଡ଼ିଗଲା । ସେମାନେ କଥାବାର୍ତ୍ତା ହେଲେ—ଆମକଥା ଏ ଜାଣି ଗଲେଣି । ନିଶ୍ଚେ ବାହାର ଲୋକେ ଜାଣିଯିବେ । ଏଇଆ ଭାବି ସେମାନେ ରାଜକୁମାରଙ୍କୁ ମାରି-ଦେବାକୁ ଠିକ୍ କଲେ । ସେ ଉଠିବାରୁ ତାଙ୍କୁ ଖାଇବାକୁ ଦେଲେ । ସେଥିରେ ବିଷ ଗୋଳାଇ ଦେଲେ । ରାଜକୁମା ବିଷ ଜ୍ୱାଲାରେ ଅଚେତ ହୋଇ ପଡ଼ିଲେ । ସାତଭଉଣୀ ତାଙ୍କୁ ନଈରେ ଫିଙ୍ଗିଦେଲେ ।

ରାଜକୁମାର ଭାସି ଭାସି ଯାଇ ଆଉ ଗୋଟିଏ ରାଜ୍ୟସୀମାରେ ପହଞ୍ଚିଲେ । ନାଉରିଟିଏ ତାଙ୍କୁ ଉଦ୍ଧାର କଲା । ତାଙ୍କୁ ଚିକିତ୍ସା କଲା ।

Digitized by srujanika@gmail.com

ରାଜକୁମାର ଭଲ ହୋଇଗଲେ ! ନାଉରୀଘରେ ରହିଲେ । ନାଉରୀ ତାଙ୍କୁ ପୁଅପରି ସ୍ନେହ କଲା । ସେ ଯେଉଁ ଅଞ୍ଚଳରେ ପହଞ୍ଚିଥିଲେ ସେ ଅଞ୍ଚଳଟି କାଉଁରୀ ରାଜାଙ୍କ ଅଧୀନରେ ଥିଲା । ରାଜକୁମାର କିନ୍ତୁ ଏକଥା ଜାଣିନ୍ତିନି ।

ବିବାହ ପରେ ରାଜକୁମାର କାଉଁରୀ ଦେଶରୁ ତ ପଳାଇ ଯାଇଥିଲେ । ତେଣୁ ବରଯାତ୍ରୀମାନେ ତାଙ୍କ ଶ୍ୱେତାମ୍ବରଙ୍କୁ ରାଜାଙ୍କ ଜ୍ୱାଇଁବୋଲି କହିଲେ । କଥାଟା କିନ୍ତୁ ଲୁଚିରହିଲା ନାହିଁ । ଶ୍ୱେତାମ୍ବର ଫେରିଗଲା । ରାଜକୁମାରୀ ସନ୍ନ୍ୟାସିନୀ ବେଶରେ ରାଜବାଟୀଠୁଁ ଦୂରରେ ଗୋଟିଏ କୁଡ଼ିଆରେ ରହିଲେ । ସବୁଦିନ ରାତିରେ ରାଜ୍ୟର ଦୁଇଟିଘରୁ ଦୁଇଜଣ ଲୋକଯାଇ ତାଙ୍କ ଜଗିରହନ୍ତି । ଯାହା ଘରର ପାଳି ଯେଉଁଦିନ ପଡ଼େ କିଟୁଆଳ ସେଦିନ ତାଙ୍କୁ ସକାଳୁ ଜଣାଇ ଦେଇଥାଏ ।

ରାଜକୁମାର ଯେଉଁ ନାଉରୀଘରେ ରହୁଥିଲେ ଦିନେ ତାରପାଳି ପଡ଼ିଲା । ସେ ନିଜେ ନ ଯାଇ ରାଜକୁମାରଙ୍କୁ ପଠାଇଲା । ରାଜକୁମାର ପାଖ ଘରର ଆଉଜଣଙ୍କ ସାଙ୍ଗରେ ଗଲେ । ସାଙ୍ଗଟି କହିଲା ଏମିତି ଖାଲିଠାରେ ବସିଲେ ନିଦ ମାଡ଼ିବ । ତେଣୁ ତୁମେ ଗପ କହ । ରାତି ପାହି ଯିବ । ଏକଥା ଶୁଣି ରାଜକୁମାର ତାଙ୍କ ଅଙ୍ଗେଲିଭିଇବା କାହାଣୀ କହିଗଲେ । ସେ କେମିତି ସାତଭଉଣୀଙ୍କ କବଳରେ ପଡ଼ିଲେ କାଉଁରୀଦେଶକୁ ଆସି କାଉଁରୀ କନ୍ୟାକୁ ବିବାହ କଲେ କହିଗଲେ । ସାତଭଉଣୀ ତାଙ୍କୁ କପଟ ବିଷ ଖୁଆଇ ନଈରେ ଭସାଇଦେଲେ ସେ କଥାବି କହିଲେ । କାଉଁରୀଦେଶ ରାଜକୁମାରୀ ଭିତରେ ଥାଇ ତାଙ୍କ କଥା ଶୁଣୁଥାଏ । କଥାସରିବାରୁ ସେ ବାହାରକୁ ଆସିଲେ । ରାଜକୁମାରଙ୍କୁ ଚିହ୍ନିଲେ । ତାପରେ ବାପାଙ୍କ ପାଖକୁ ଖବର ପଠାଇଲେ । ତାପରେ

Digitized by srujanika@gmail.com

ରାଜକୁମାରଙ୍କୁ ସହଜେ ଚିହ୍ନିଲେ । ରାଜକୁମାରୀ ତାଙ୍କୁ ସ୍ୱାମୀ ରୂପରେ ବରଣ କଲେ ।

କାଉଁରୀଦେଶ ରାଜକୁମାରୀଙ୍କୁ ବାହାହୋଇ ରାଜକୁମାର ନିଜ ଦେଶକୁ ଫେରିଲେ । ରାଜାଙ୍କ ଆଗରେ ସବୁକଥା କହିଗଲେ । ରାଜା ତାଙ୍କୁ ସିଂହାସନରେ ବସାଇଲେ । ସେ ରାଜା ହେବାପରେ ସାତଭଉଣୀଙ୍କୁ ଗୋଟିଏ ଭୋଜି ସଭାକୁ ଡାକିଲେ । ସାତଭଉଣୀ ରାଜକୁମାରଙ୍କୁ ଦେଖି ଆଶ୍ଚର୍ଯ୍ୟ । ତାଙ୍କର ପୂର୍ବକଥା ମନେ ପଡ଼ିଗଲା । ସେମାନେ ଭୟରେ ସେଠୁ ପଳାଇ ଯିବାକୁ ବସିଲେ, ହେଲେ କାଉଁରୀଦେଶ ରାଜକୁମାରୀ ତାଙ୍କୁ ମନ୍ତ୍ରବଳରେ ଅଟକାଇ ଦେଲେ । ରାଜାଙ୍କର ହୁକୁମ ହେଲା । ସାତଟି ଚୋରି କୂଅଖୋଳା ତଳେ କଣ୍ଟା ଉପରେ କଣ୍ଟାଦେଇ ତାଙ୍କୁ ଜଅନ୍ତା ପୋତି ଦିଆଗଲା । ସେମାନେ ମଲେ । ଅନ୍ୟର ଅନିଷ୍ଟ କଲେ ଏମିତି ଶାସ୍ତି ଭୋଗିବାକୁ ହୁଏ ।

Digitized by srujanika@gmail.com

ଗୋଟିଏ ପାଏଁ ଗୋଟିଏ ଖାଏଁ

ବଣରେ ଓଧଟିଏ ଥାଏ । ତାର ମାଛ ନହେଲେ ନଚଳେ । ବଣ ପାଖ ଗାଁରେ ପୋଖରୀଟିଏ ଥାଏ । ସେ ସବୁଦିନ ସେଇଠିକି ମାଛ ଖାଇବାକୁ ଯାଏ । ଗାଁ ଲୋକେ ଦେଖିଲେ ଦିନକୁଦିନ ପୋଖରୀରୁ ମାଛ ସବୁ ଅସୁଛି । ତେଣୁ ସେମାନେ ପୋଖରୀ ଭିତରେ କଣ୍ଟା ପକାଇଲେ । ଭାବିଲେ ଯଦି କେହି ଜାଲ ପକାଇ ମାଛ ଧରି-ନେଉଥିବ, ତେବେ କଣ୍ଟାରେ ତା' ଜାଲ ଛିଣ୍ଡିଯିବ । ଓଧକୁ ସେ କଥା ଜଣାନଥାଏ । ସେ ଯେମିତି ପୋଖରୀକୁ ପଶିଛି କଣ୍ଟା ବାଜି ତା ପେଟ ଚିରିଗଲା, ହେଲେ ସେ ମାଛ ଖାଇବାରେ ଏମିତି ଭୋଳ ହୋଇଯାଇଥିଲା ଯେ ତାର ସେ ଆଡ଼କୁ ନଜର ନାହିଁ । ପେଟ କଣା ହୋଇଯିବାରୁ ସେ ଯୋଉ ମାଛଟି ଗିଳୁଥାଏ ସେଇଟି ସେଇ କଣା ବାଟେ ବାହାରି ଆସୁଥାଏ । ଓଧ ପୁଣି ତାକୁ ଧରି ଗିଳିଦିଏ । ମନେ ମନେ ଭାବେ ବହୁତ ମାଛ ସେ ଖାଉଛି । ତେଣୁ ଖୁସିରେ ଗୀତ ଗାଏ—

“ଗୋଟିଏ ପାଏଁ ଗୋଟିଏ ଖାଏଁ
ଥାକ୍ ଧିନାଧିନ୍ ଧାକ୍ ତାକ ଧେଁ ।”

ସେଇ ବାଟରେ ବିଲୁଆଟିଏ ଯାଉଥାଏ । ଓଧର ଗୀତ ସେ ଶୁଣିଲା । ତା' ପାଖକୁ ଆସିଲା । ଯେଉଁ ମାଛଟି ଓଧ ଖାଉଛି ସେ ପୁଣି ତା' ପେଟରୁ ବାହାରି ଆସୁଥିବା କଥା ଜାଣି ସବୁକଥା ଓଧକୁ ବୁଝାଇଦେଲା । ଓଧ କିନ୍ତୁ ବିଲୁଆ କଥାକୁ ବିଶ୍ୱାସ କଲାନି । ତେଣୁ ବିଲୁଆ ମାଛଟିଏ ଧରି ତା ଲାଞ୍ଜ ଛିଣ୍ଡାଇ ଦେଲା । ତାକୁ ଚିହ୍ନିବାକୁ

Digitized by srujanika@gmail.com

ହେଲା । ମାଛଟି ଓଧ ପେଟରୁ ବାହାର ଆସିଲା । ଓଧ ଏବେ ନିଜ ଭୁଲ୍ ବୁଝିପାରିଲା । ବିଲୁଆକୁ ପଚାରିଲା କିଣ କଲେ ମାଛ ସବୁ ପେଟରୁ ବାହାରି ପାରିବେନି । ବିଲୁଆ କହିଲା ମାଛଟିଏ ନେଇ ତୁ ମୋଚି ଘରକୁ ଯା । ମାଛଟି ତାକୁ ଦେବୁ । କହିବୁ ତୋ ପେଟରେ ହୋଇଥିବା କଣାକୁ ସିଲେଇ କରି ଦେବ ।

ବିଲୁଆର କଥାମାନି ଓଧ ବଡ଼ ମାଛଟିଏ ନେଇ ମୋଚି ଘରେ ପହଁଞ୍ଚିଲା । ମୋଚିକୁ କହିଲା—ମୋଚିଭାଇ ମୋ ଦେହରେ ଯେତେ କଣା ଅଛି ସବୁ ସିଲେଇ କରିଦିଅ । ମୋଚି ତା' କଥା ଅନୁସାରେ ସବୁ କଣା ସିଲେଇ କରିଦେଲା । ମଳଦ୍ୱାରଟିକୁ ବି କଣା ଭାବି ସିଲେଇ କରି ଦେଲା । ଓଧ ଖୁସି ହୋଇ ଫେରିଆସିଲା । ମନଇଚ୍ଛା ମାଛ ଖାଇଲା ।

କିଛି ସମୟ ପରେ ତାକୁ ଝାଡ଼ା ଦେଖେଇଲା । ହେଲେ ମଳ-ଦ୍ୱାର ତ ସିଲେଇ ହୋଇଛି ଝାଡ଼ା ଫେରି ପାରୁଛି କିପରି ? ବଡ଼ ହଇରାଣ ହେଲା । ଦୌଡ଼ିଲା ବିଲୁଆ ପାଖକୁ । ବିଲୁଆ କହିଲା ମୁଁ ତୋତେ କହିଥିଲି ପେଟର କଣା ସିଲାଇ କରିବାକୁ, ତୁ ସବୁ କଣା ସିଲାଇ କରିବାକୁ କହିଲୁ କାହିଁକି ? ମୋଚିର ଦୋଷ ନାହିଁ । ଓଧ କହିଲା—"ଯାହା ହେବାର ତ ହେଲାଣି । ଏବେ କି ଉପାୟ କରିବି କହ ।"

ବିଲୁଆ କହିଲା—"କମାର ଘରକୁ ଯାଇ ଶାବଳଟିଏ ଗରମ କରିବାକୁ କହିବୁ । ସେଇଟି ନାଲି ଟକ୍ ଟକ୍ ହୋଇଗଲେ ମଳଦ୍ୱାର ସିଲେଇ ଉପରରେ ତାକୁ ଲଗାଇ ଦେବାକୁ କହିବୁ । ସିଲେଇ ଫିଟି ଯିବ । ତୁ ଆରାମରେ ଝାଡ଼ା ଫେରି ପାରିବୁ ।"

Digitized by srujanika@gmail.com

ଓଧ କମାର ଘରକୁ ଦୌଡ଼ିଲା । କମାରକୁ ବହୁତ ନେହୁରା ହେଲା । କମାର ଶାବଳଟିଏ ଗରମ କଲା । ସେଇଟି ନାଲି ଟହଟହ ହୋଇଗଲା । ସେ ତାକୁ ଆଣି ଓଧର ମଳଦ୍ୱାରରେ ଗଆଁ ଦେଲା । ଓଧକୁ ତ ଖୁବ୍ ଝାଡ଼ା ଦେଖାଉଥିଲା ସେ ସମ୍ଭାଳି ପାରିଲା ନାହିଁ । ଝାଡ଼ା ସବୁ ପିଚକାରି ପରି କମାରର ଦେହଯାକ ବୋଳା ହୋଇଗଲା ।

କମାର ରାଗରେ ପାଚିଗଲା । ଓଧକୁ ଦୁ'ପାହାର ଲଗାଇଲା ଓଧ ବଣକୁ ପଳାଇଲା । ସେଇ ଦିନ ଠାରୁ ତାର କମାରକୁ ଭାରି ଡର । ବିଲୁଆକୁ ବି ସେ ମୋଟେ ବିଶ୍ୱାସ କରେନା । ତା'ଠୁଁ ସବୁବେଳେ ଦୂରେଇ ରହେ ।

—o—

Digitized by srujanika@gmail.com